

# ପ୍ରସଙ୍ଗ

May-1962

ମଇ ୧୯୬୭

ଚଉଦଶ ଖଣ୍ଡ



ଭୁବନେଶ୍ୱର ଖ
ପରିଷଦ ଆନୁଷ୍ଠା
ମାଇଲ ଖାଉଦ
(ଭୁବନେଶ୍ୱର ପାର୍
ଅନୁଷ୍ଠିତ ହୋଇ
ତାରିଖ ଏପ୍ରିଲ ମ
ଦେଶରେ ଖା
ଶ୍ରୀ ବି. କେ. ଗୁହ
ହୋଇଥିଲେ । ଓଡ଼ି
ମନ୍ତ୍ରୀ ଶ୍ରୀ ଆର.
ଦେଓ ଶକ୍ତିଶା
ପୁରସ୍କାର ପ୍ରଦାନ



ଓଡ଼ିଶାର ସାଂସ୍କୃତିକ ଓ ଯୋଗାଣ ବିଭାଗ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ତ୍ରୟୋଦଶ ହସ୍ତତନ୍ତ ସପ୍ତାହ ଏପ୍ରିଲ ୧
ଉଦଘାଟନ କରିଥିଲେ । ଏହି ଉପଲକ୍ଷେ ସେ ପ୍ରାରମ୍ଭିକ ଭାଷଣ ଦେଇଥିଲେ ।

Gram: UTKAL AURVED, ASKA — Phone: Aska 29

# ଉତ୍କଳ ଆୟୁର୍ବେଦିକ୍ ସମବାୟ ଫାର୍ମାସୀ, ଲିମିଟେଡ୍

ଆସିକା, ଓଡ଼ିଶା

(୩୦ ବର୍ଷର ଅନାବିଲ ସେବାଦ୍ୱାରା କୋଟି ମୁଖରେ ପ୍ରଶଂସିତ,
ସର୍ବଜନ ଆଦୃତ ଓ ବିଶୁଦ୍ଧ ଔଷଧ ପରିବେଷଣ ଲାଗି
ଲୋକ ସମାଜରେ ଅଭିନନ୍ଦିତ)

ଫାର୍ମାସୀ ପ୍ରସ୍ତୁତ ସମସ୍ତ ଔଷଧ ଶାସ୍ତ୍ରୀୟ

ଗ୍ରୀଷ୍ମକାଳର ପ୍ରଚଣ୍ଡ ରୌଦ୍ରରୁ ଆତ୍ମରକ୍ଷା କରିବାପାଇଁ ବ୍ୟବହାର କରନ୍ତୁ

## ମହା ଭୃଙ୍ଗରାଜ ତୈଳ

ଅତ୍ୟନ୍ତ ଗରମ ହେତୁ ମୁଣ୍ଡ ବୁଲେଇବା, ମୁଣ୍ଡ ବିନ୍ଧିବା, ଆଖିରୁ ପାଣି ବହିବା,
ଝାପ୍ସା ଦେଖାଯିବା, ନିଦ୍ରାର ଅଭାବ ପ୍ରଭୃତି ସମସ୍ତ ଉପସର୍ଗର ସଦ୍ୟ ଉପଶମ ହୁଏ ।
ସୁନିଦ୍ରା ହୁଏ । ମସ୍ତିଷ୍କ ଥଣ୍ଡା ରହେ । ମୁଣ୍ଡର ବାଳ ଲମ୍ବା ହୁଏ ।
ବାଳ ଉପୁଡ଼ିବା ବନ୍ଦ ହୁଏ । ଅଦିନରେ ବାଳ ପାଚିବା ବନ୍ଦ ହୁଏ ।

ଅନ୍ୟାନ୍ୟ ରୋଗର ବିବରଣ ସହ ପତ୍ର ଲେଖିଲେ ଅନତିବିଳମ୍ବରେ ଆମର ମୁଖ୍ୟ ପରିଚାଳକ ଓ ବ୍ୟବସ୍ଥାପକ

**ପ୍ରବୀଣ କବିରାଜ ଶ୍ରୀ କୃଷ୍ଣଚନ୍ଦ୍ର ତ୍ରିପାଠୀ ଶର୍ମା, L. A. M. S.**
ଭିଷଗ୍‌ରତ୍ନ, କାବ୍ୟତୀର୍ଥଙ୍କର

ଅମୋଘ ବ୍ୟବସ୍ଥା ବିନାଖର୍ଚ୍ଚରେ ଲାଭ କରିବେ ।

ମେନେଜିଂ ଡ଼ିରେକ୍ଟର—**ଉତ୍କଳ ଆୟୁର୍ବେଦ**
ଆସିକା, ଗଞ୍ଜାମ

# ଉତ୍କଳ ପ୍ରସଙ୍ଗ


ଓଡ଼ିଶା ସରକାରଙ୍କ ଦୈନିକ କାର୍ଯ୍ୟକଳାପ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ 'ଉତ୍କଳ ପ୍ରସଙ୍ଗ'ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ଓ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଗୁଡ଼ିକ ବିଷୟକୁ ସଂପୂର୍ଣ୍ଣ ଓ ଅନୁମୋଦିତ ମୂଳପାଠ ବୋଲି ଗ୍ରହଣ କରିବା ଉଚିତ୍ ନୁହେଁ ।

ଉତ୍କଳ ପ୍ରସଙ୍ଗ ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର (ଲୋକସଂପର୍କ) ବିଭାଗ ତରଫରୁ ପ୍ରକାଶ ପାଉଥିବାରୁ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଉକ୍ତାବଳୀ ସବୁ ସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

ପ୍ରକାଶନ—ପ୍ରତ୍ୟେକ ମାସର ୧୫ ତାରିଖ

ଅସ୍ଥାୟୀ ସଂପାଦକ—ଶ୍ରୀ ବିଶ୍ୱଜିତ୍ ଦାସ,
ଇନ୍ଫର୍ମେସନ ଅଫିସର

ମୂଲ୍ୟ—ବାର୍ଷିକ ଟ ୨·୦୦
ପ୍ରତି ସଂଖ୍ୟା ଟ୦·୨

ପ୍ରକାଶକ—ସ୍ୱରାଷ୍ଟ୍ର (ଲୋକସଂପର୍କ) ବିଭାଗ, ଓଡ଼ିଶା
ଟେଲିଗ୍ରାମ—ପବ୍ଲିକ

୨୩ଶ ଭାଗ | ମଇ ୧୯୬୭ / ବୈଶାଖ ୧୮୮୯ | ୧୦ମ


## ବିଷୟ ସୂଚୀ


୧ । ଗ୍ରାମ୍ୟ ଓ କ୍ଷୁଦ୍ର ଶିଳ୍ପର ବିକାଶ ...

୨ । ଶିଳ୍ପକ୍ଷେତ୍ରରେ ଅଗ୍ରଗତି ...

୩ । କାଶ୍ମୀରର ଐତିହ୍ୟ—ଧର୍ମ ନିରପେକ୍ଷତା

୪ । ଆମର ରେଳବାଇ ଓ ଆତ୍ମନିର୍ଭରଶୀଳତା ।

୫ । ବନ୍ଧୁତ୍ୱପୂର୍ଣ୍ଣ ସହଯୋଗର ନିଦର୍ଶନ...

୬ । କୃଷିକ୍ଷେତ୍ରରେ ଭାରତ-ରୁଷ ସହଯୋଗ

୭ । ଖାଦ୍ୟ ଉତ୍ପାଦନ ବଢ଼ାଇବା ଅତ୍ୟାବଶ୍ୟକ ।

୮ । ଓଡ଼ିଶାରେ ଗର୍ଭନିରୋଧୀ ଅସ୍ତ୍ରୋପଚାର

୯ । ଆମ ରାଜ୍ୟ ...


—ଆମର ମଲାଟ—

ତାଳଚେରର ସାର କାରଖାନାଠାରେ ଆମୋନିଆ ସଂରକ୍ଷଣ ପାଇଁ ନିର୍ମିତ ଭଣ୍ଡାରର ଏକ ଦୃଶ୍ୟ

# ଉତ୍କଳ ପ୍ରସଙ୍ଗ

୨୩ଶ ଭାଗ | ବୈଶାଖ-୧୮୮୯ | ମଇ-୧୯୬୭ | ୧୦ମ ସଂଖ୍ୟା


## ଗ୍ରାମ୍ୟ ଓ କ୍ଷୁଦ୍ରଶିଳ୍ପର ବିକାଶ

ଆମ ଦେଶର ଶତକଡ଼ା ୮୦ ଭାଗ ଲୋକ ଗାଁ-ଗହଳରେ ବାସ କରନ୍ତି । ଗ୍ରାମ୍ୟ ଓ କ୍ଷୁଦ୍ର ଶିଳ୍ପ ତଥା ବୃହତ ଓ ମୌଳିକ ଶିଳ୍ପମାନ ସ୍ଥାପନକରି ଏ ଦେଶରେ ଲୋକଙ୍କର ଜୀବନଧାରଣର ମାନ ଉନ୍ନତ କରିବା ଓ ଲୋକମାନଙ୍କୁ କାମ ଯୋଗାଇବା ଆମ ଶିଳ୍ପ ଯୋଜନାର ଲକ୍ଷ୍ୟ । ଏହି ଉଦ୍ଦେଶ୍ୟରେ ଗଢ଼ି ଉଠିଥିବା ବୃହତ ଓ ମୌଳିକ ଶିଳ୍ପଗୁଡ଼ିକ ଯୋଗୁଁ ବିଦେଶରୁ ଆମଦାନୀ ହ୍ରାସ ପାଇ ଦେଶର ଆର୍ଥିକ ସ୍ୱାବଲମ୍ବନଶୀଳତା କ୍ରମଶଃ ହାସଲ କରାଯାଇ ପାରୁଛି । ଗ୍ରାମ୍ୟ ଓ କ୍ଷୁଦ୍ର ଶିଳ୍ପଗୁଡ଼ିକ ଗାଁ ଗହଳର ଲୋକଙ୍କ ଆର୍ଥନୀତିକ ସ୍ଥିତିକୁ ଉନ୍ନତ କରିବା ସଙ୍ଗେ ସଙ୍ଗେ ଗ୍ରାମ୍ୟ ଅର୍ଥନୀତିକୁ ସୁଦୃଢ଼ କରିବା ଦିଗରେ କାର୍ଯ୍ୟ କରୁଛି । ଗତ ତିନୋଟି ଯୋଜନାରେ ଏ ସମ୍ପର୍କୀୟ ଅଭିବୃଦ୍ଧିର ତଥ୍ୟ ନିମ୍ନରେ ସୂଚିତ ହେଲା ।

**ଯୋଜନା ବଦ୍ଧ ବିକାଶ**—ସ୍ୱାଧୀନତା ପୂର୍ବରୁ ଚାଲିଥିବା ସ୍ୱଦେଶୀ ଆନ୍ଦୋଳନରେ ସାରା ଜାତିର ଦୃଷ୍ଟି ଆମର ଚିରାଚରିତ ଗାଉଁଲି ଶିଳ୍ପ ଉପରେ ନ୍ୟସ୍ତ ଥିଲା । ଯୋଜନା ଯୁଗରେହିଁ ଅନ୍ୟ କେତେକ ଶିଳ୍ପର ପୁନରୁତ୍ଥାନ ଓ ଯନ୍ତ୍ର ଚାଳିତ କ୍ଷୁଦ୍ର ଶିଳ୍ପର ବିକାଶପ୍ରତି ଦୃଷ୍ଟି ଦିଆଗଲା । ସ୍ୱାଧୀନତା ପରଠାରୁ ଏପର୍ଯ୍ୟନ୍ତ କ୍ଷୁଦ୍ର ଓ ଗ୍ରାମ୍ୟ ଶିଳ୍ପର ଉପଯୁକ୍ତ ତତ୍ତ୍ୱାବଧାନ ପାଇଁ କେନ୍ଦ୍ର ସରକାର ଯେଉଁସବୁ ସଂଗଠନ ବସାଇଛନ୍ତି ସେଗୁଡ଼ିକ ହେଲେ—ନିଖିଳ ଭାରତ ଖଦୀ ଓ ଗ୍ରାମ୍ୟ ଶିଳ୍ପ କମିଶନ, ନିଖିଳ ଭାରତ

ହସ୍ତ ତନ୍ତ ବୋର୍ଡ, କେନ୍ଦ୍ରୀୟ ରେଶମ ବୋର୍ଡ, କଳା ବୋର୍ଡ, ନିଖିଳ ଭାରତ ହସ୍ତଶିଳ୍ପ ବୋର୍ଡ କେନ୍ଦ୍ରୀୟ କ୍ଷୁଦ୍ରଶିଳ୍ପ ସଂଗଠନ, ଜାତୀୟ କ୍ଷୁଦ୍ରଶିଳ୍ପ କର୍ପୋରେସନ, କ୍ଷୁଦ୍ରଶିଳ୍ପ ବୋର୍ଡ, ଇତ୍ୟାଦ ।

ଆହୁରିମଧ୍ୟ କେନ୍ଦ୍ର ସରକାର ରାଜ୍ୟ ସରକାରମାନଙ୍କୁ ସେମାନଙ୍କ ନିଜ ନିଜ ରାଜ୍ୟରେ ଏସବୁ ଶିଳ୍ପର ବିକାଶ ଘଟାଇବା ନିମନ୍ତେ ଆର୍ଥିକ ସାହାଯ୍ୟ ଦେଉଥାନ୍ତି ।

ଗତ ୧୫ ବର୍ଷ ମଧ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଏକତ୍ର ମିଶି ଗ୍ରାମ୍ୟ ଓ କ୍ଷୁଦ୍ରଶିଳ୍ପର ବିକାଶ ନିମନ୍ତେ ୬୮୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିଛନ୍ତି । ଚଳିତ ଯୋଜନାରେ ସରକାରୀ ସୂତ୍ରରୁ ପ୍ରାୟ ୩୭୦ କୋଟି ଟଙ୍କା ଓ ବେସରକାରୀ ସୂତ୍ରରୁ ଆଉ ୪୦୦ କୋଟି ଟଙ୍କା—ସବୁସମେତ ମୋଟ ୭୭୦ କୋଟି ଟଙ୍କା ଏ ବାବଦରେ ଖର୍ଚ୍ଚ କରାଯିବାର ପ୍ରସ୍ତାବ ରହିଛି । ଏହା ଫଳରେ ଗ୍ରାମାଞ୍ଚଳରେ ତଥା ଛୋଟ ଛୋଟ ସହରାଞ୍ଚଳରେ ଲୋକମାନଙ୍କ ନିଯୁକ୍ତିପାଇଁ ଯଥେଷ୍ଟ କ୍ଷେତ୍ର ମିଳିବ ।

ଗ୍ରାମ୍ୟ ଓ କ୍ଷୁଦ୍ର ଶିଳ୍ପରେ ନିଯୁକ୍ତିଥିବା ଲୋକଙ୍କ ସଂଖ୍ୟା ୧୯୬୦-୬୧ରେ ୧୨.୫ ନିୟୁତ ଥିବାସ୍ଥଳେ ୧୯୬୫-୬୬ ସୁଦ୍ଧା ୨୦ ନିୟୁତକୁ ବୃଦ୍ଧି ପାଇଥିଲା ଓ ଚତୁର୍ଥ ଯୋଜନାରେ ଆହୁରି ବୃଦ୍ଧି ପାଇବାର ଆଶା କରାଯାଏ ।

## ଗ୍ରାମ୍ୟ ଶିଳ୍ପ

ଦେଶରେ ବର୍ତ୍ତମାନ ଯେଉଁ ସବୁ ଗ୍ରାମ୍ୟ ଶିଳ୍ପ ରହିଛି ସେଥିମଧ୍ୟରେ ନିମ୍ନଲିଖିତ କେତୋଟି ଉଲ୍ଲେଖଯୋଗ୍ୟ—ହାତ ତନ୍ତ, ବିଦ୍ୟୁତ ତନ୍ତ ଖଦି, ଏଣ୍ଡି ରେଶମ, କଳା, ଗୁଡ଼, ଖଣ୍ଡସାରି, ତାଳଗୁଡ଼, ଚମଡ଼ା, ମାଟିପାତ୍ର, ଢ଼ିଙ୍କିକୁଟା ଚାଉଳ, ଧାନ ଓ ମୁଗ ପ୍ରଭୃତି ଶସ୍ୟ କମଣ, ତେଲପେଡ଼ା ଅଖାଦ୍ୟ ତେଲ ଓ ସାବୁନ, ମହୁମାଛି ପାଳନ ଓ ଉଆସିଲ ଶିଳ୍ପ ।

**ଲୁଗା ଉତ୍ପାଦନ ବୃଦ୍ଧି**—ହସ୍ତ ତନ୍ତ, ବୁଣାକାର ତନ୍ତ ଓ ଖଦୀଶିଳ୍ପ ଦ୍ୱାରା ୧୯୫୦-୫୧ରେ ... ନିୟୁତ ମିଟର, ୧୯୫୫-୫୬ରେ ୧,୭୭୩ ... ମିଟର, ୧୯୬୦-୬୧ରେ ୨,୦୭୨ ନିୟୁତ ମିଟର ... ୧୯୬୫-୬୬ରେ ୩୧୪୬ ନିୟୁତ ମିଟର ... ଉତ୍ପାଦନ କରାଯାଇଛି । ୧୯୭୦-୭୧ ସୁଦ୍ଧା ଉତ୍ପା... ପରିମାଣ ୧୦,୦୬୦ ନିୟୁତ ମିଟର ହେବ ... ଲକ୍ଷ୍ୟ ରଖାଯାଇଛି । ସେଥିମଧ୍ୟରୁ ୪,୫୬୨ ... ମିଟର କେବଳ ହସ୍ତ ତନ୍ତ, ବିଦ୍ୟୁତ ତନ୍ତ ଓ ... ଶିଳ୍ପରୁ ମିଳିବ । ଚତୁର୍ଥ ଯୋଜନାରେ ଗ୍ରାମ୍ୟ ... କ୍ଷୁଦ୍ର ଶିଳ୍ପପାଇଁ ୩୭୦ କୋଟି ଟଙ୍କା ବ୍ୟୟ ... ରହିଛି ସେଥିରୁ ୧୭୦ କୋଟି ଟଙ୍କା ଗ୍ରାମ୍ୟ ... ବାବଦରେ ବ୍ୟୟିତ ହେବ ।

**ଏଣ୍ଡି ଓ ରେଶମ**—ସାରା ଦେଶରେ ... କଞ୍ଚା ରେଶମ ଉତ୍ପନ୍ନ ହୁଏ, ସେଥିରୁ ପ୍ରାୟ ... ମହୀଶୂର ରାଜ୍ୟରୁ ମିଳେ । ତା'ପରେ ପଶ୍ଚିମ... ଆସାମ, ଜାମ୍ମୁ ଓ କାଶ୍ମୀର, ମଧ୍ୟପ୍ରଦେଶ ଓ ... ନାମ ଉଲ୍ଲେଖଯୋଗ୍ୟ । ୧୯୪୯ରେ ଯେତେବେ... କେନ୍ଦ୍ରୀୟ ରେଶମ ବୋର୍ଡ ଗଠିତ ହେଲା, ... ବେଳେ ଏଣ୍ଡି ଓ ରେଶମ ଚାଷର ବିକାଶକୁ ... କରିବାପାଇଁ ସରକାର ଚେଷ୍ଟା କରିଥିଲେ । ... ଯୋଜନା କାଳରେ ଏ ବିଗରେ ୫.୩ କୋଟି ... ବ୍ୟୟିତ ହୋଇଛି ଏବଂ ଚଳିତ ଯୋଜ... ୧୩ କୋଟି ଟଙ୍କା ବ୍ୟୟର ପ୍ରସ୍ତାବ ଅଛି ।

**କଞ୍ଚା ରେଶମର ଉତ୍ପାଦନ ବୃଦ୍ଧି**—ତିନୋଟି ଯୋଜନା କାଳରେ କଞ୍ଚା ... ଉତ୍ପାଦନ ପ୍ରାୟ ଦୁଇଗୁଣ ବୃଦ୍ଧି ପାଇଛି । ୧୯୫... ୧.୧୪ ନିୟୁତ କିଲୋଗ୍ରାମ, ୧୯୫୬ରେ ୧.୪୦ ... କିଲୋଗ୍ରାମ କଞ୍ଚା ରେଶମ ଉତ୍ପାଦନ ହୋଇଥିବା... ୧୯୬୫-୬୬ରେ ପ୍ରାୟ ୨.୧୫ ନିୟୁତ କିଲୋ... ଉତ୍ପାଦନ ହେବାର ଅଟକଳ ହୋଇଥିଲା ...

୯୭୦-୭୧ ପାଇଁ ୩·୧୦ ନିୟୁତ କିଲୋଗ୍ରାମ ତ୍ପାଦନର ଲକ୍ଷ୍ୟ ରଖାଯାଇଛି । ବର୍ତ୍ତମାନ ଆମେ ର୍ଷକୁ ପ୍ରାୟ ୫୦,୦୦୦ କିଲୋଗ୍ରାମ କଞ୍ଚା ରେଶମ ଆମଦାନୀ କରୁଛୁଁ । ଚତୁର୍ଥ ଯୋଜନାର ଲକ୍ଷ୍ୟ ହାସଲ ହେଲେ ଆଉ ଆମଦାନୀ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ । ୧୯୬୫-୬୬ରେ ରେଶମ ସୂତା ରପ୍ତାନୀ କରି ଆମେ ପ୍ରାୟ ୨·୮ କୋଟି ଟଙ୍କାର ବୈଦେଶିକ ମୁଦ୍ରା ପାଇଥିଲୁ । ଚତୁର୍ଥ ଯୋଜନା ଶେଷ ବର୍ଷ ଏ ବାବଦରେ ୬କୋଟି ଟଙ୍କା ମୂଲ୍ୟର ବୈଦେଶିକ ମୁଦ୍ରା ଅର୍ଜନର ଲକ୍ଷ୍ୟ ରଖାଯାଇଛି ।

**କତା ଶିଳ୍ପ**—କତା ଶିଳ୍ପରେ କେରଳ ପ୍ରଥମ । ଦେଶରେ ବର୍ଷକୁ ପ୍ରାୟ ୧·୪୦ ଲକ୍ଷ ମେଟ୍ରିକ ଟନ କତା ତନ୍ତୁ ଉତ୍ପାଦନ ହୁଏ । ସେଥିରୁ ଶତକଡ଼ା ୯୦ ଭାଗରୁ ଅଧିକ ଉତ୍ପାଦନ ହୁଏ କେରଳରୁ । ଆମ ଦେଶରେ କତାରୁ ତିଆରି ହେଉଥିବା ୬୧,୦୦୦ ମେଟ୍ରିକ ଟନ ଓଜନର ଜିନିଷରୁ ପ୍ରାୟ ସବୁତକ କେରଳରୁ ଆସିଥାଏ ଓ ଏଥିରୁ ଶତକଡ଼ା ୫୫ ଭାଗ ରପ୍ତାନୀ କରାଯାଏ । ୧୯୬୫-୬୬ରେ ଏଭଳି ଜିନିଷର ରପ୍ତାନୀରୁ ପ୍ରାୟ ୧୨ କୋଟି ଟଙ୍କା ଆୟ ହୋଇଥିଲା । ଏ ଦିଗରେ ତୃତୀୟ ଯୋଜନାରେ ସରକାର ୧·୮୪ କୋଟି ଟଙ୍କା ଖର୍ଚ୍ଚ କରିଥିଲେ । ଚଳିତ ଯୋଜନା ପାଇଁ ସରକାରୀ କ୍ଷେତ୍ରରେ ଏ ବାବଦ ବ୍ୟୟ ୪ କୋଟି ଟଙ୍କା ହେବ ବୋଲି ପ୍ରସ୍ତାବ ରହିଛି । ଆଶା କରାଯାଉଛି ଯେ, ଚତୁର୍ଥ ଯୋଜନା ଶେଷ ସୁଦ୍ଧା ରପ୍ତାନୀ ବୃଦ୍ଧି କରାଯାଇ ବାର୍ଷିକ ୨୫ କୋଟି ଟଙ୍କା ଆୟ କରାଯାଇ ପାରିବ ।

**ଅନ୍ୟାନ୍ୟ ଶିଳ୍ପ**—ଅବଶିଷ୍ଟ କେତେକ ଗ୍ରାମ୍ୟ ଶିଳ୍ପରେ ବାର୍ଷିକ ଉତ୍ପାଦନ ଓ ନିଯୁକ୍ତିର ସମ୍ଭାବନା ସମ୍ପର୍କରେ ୧୯୬୫-୬୬ର ନିମ୍ନଲିଖିତ ତଥ୍ୟରୁ ସମ୍ୟକ ଧାରଣା କରାଯାଇ ପାରେ—

| ଭାରତରେ ଗ୍ରାମ୍ୟ ଶିଳ୍ପ | ୧୯୬୫-୬୬ ଉତ୍ପାଦନ | କେତେ ଲୋକ ନିଯୁକ୍ତିଥିଲେ | |
|---|---|---|---|
| | | ପୂର୍ଣ୍ଣ ସମୟ ପାଇଁ | ଆଂଶିକ ସମୟ ପାଇଁ |
| ୧ । ଧାନ ଚାଉଳ ଓ ଡାଲି ଜାତୀୟ ଶସ୍ୟ କମଣ । | ୪·୪୦ କୋଟି ଟଙ୍କା ମୂଲ୍ୟର | ୧୦,୨୪୦ | ୭୫,୮୬୪ |
| ୨ । ଗ୍ରାମ୍ୟ ତେଲ ଶିଳ୍ପ | ୫ ଲକ୍ଷ କ୍ୱିଣ୍ଟାଲ (୧୨·୮୪ କୋଟି ଟଙ୍କା ମୂଲ୍ୟର) । | ୨୩,୦୦୦ | ୧୮,୦୦୦ |
| ୩ । ଗ୍ରାମ୍ୟ ଚମଡ଼ା ଶିଳ୍ପ | ୨୭୦ କୋଟି ଟଙ୍କା ମୂଲ୍ୟର | ୧୦,୦୦୦ | ୧୦,୦୦୦ |
| ୪ । ଦିଆସିଲି କୁଟୀର ଶିଳ୍ପ | ୧୩·୫୭ ଲକ୍ଷ ଟଙ୍କାର | ୪୦୦ | ୧,୭୦୦ |
| ୫ । ଗୁଡ଼ ଓ ଖଣ୍ଡସାରି | ୨୪·୪୯ ଲକ୍ଷ କ୍ୱିଣ୍ଟାଲ ଗୁଡ଼ ୩୮,୮୫୪ କ୍ୱିଣ୍ଟାଲ ଖଣ୍ଡସାରି (୧୩·୯୩ କୋଟି ଟଙ୍କା ମୂଲ୍ୟ) । | .. | ୯୧,୦୭୮ |
| ୬ । ତାଳ ଗୁଡ଼ | ୯·୩୧ ଲକ୍ଷ କ୍ୱିଣ୍ଟାଲ (୭·୩୯ କୋଟି ଟଙ୍କା ମୂଲ୍ୟର) । | .. | ୩·୭୫ ଲକ୍ଷ |

| ଭାରତରେ ଗ୍ରାମ୍ୟ ଶିଳ୍ପ | ୧୯୭୫-୭୬ ଉତ୍ପାଦନ | କେତେ ଲୋକନିଯୁକ୍ତଥିଲେ — ପୂର୍ଣ୍ଣ ସମୟ ପାଇଁ | ଆଂଶିକ ସ... |
|---|---|---|---|
| ୭। ଅଖାଦ୍ୟ ତେଲ | ୧୭·୩୨ ଲକ୍ଷ କିଲୋଗ୍ରାମ (୪୨·୧୮ ଲକ୍ଷ ଟଙ୍କା ମୂଲ୍ୟର)। | .. | |
| ୮। ସାବୁନ | ୫୮·୧୩ ଲକ୍ଷ କିଲୋଗ୍ରାମ (୯୫·୩୯ ଲକ୍ଷ ଟଙ୍କା ମୂଲ୍ୟର)। | ୨,୨୧୮ | ୯,... |
| ୯। ହାତ ତିଆରି କାଗଜ | ୧୯·୭୦ ମେଟ୍ରିକ ଟନ (୩୭·୬୮ ଲକ୍ଷ ଟଙ୍କାର)। | ୩,୭୭୩ | ... |
| ୧୦। ମହୁମାଛି ପାଳନ | ୧୧·୪୧ ଲକ୍ଷ କିଲୋଗ୍ରାମ ମହୁ (୫୭ ଲକ୍ଷ ଟଙ୍କା ମୂଲ୍ୟର)। | ୧,୧୯୫ | ୭୪,... |
| ୧୦। ମାଟିପାତ୍ର | ୧·୩୩ କୋଟି ଟଙ୍କା ମୂଲ୍ୟର | ୧୫,୪୧୯ | ୧୧,... |

**୧୭୦ଟି 'ହସ୍ତଶିଳ୍ପ—ବିକ୍ରୟ କେନ୍ଦ୍ର'**—ବହୁ ପ୍ରାଚୀନ କାଳରୁ ଭାରତୀୟ କାରୁକଳା ଓ ହସ୍ତଶିଳ୍ପର ଖ୍ୟାତି ରହିଆସିଛି। ଏହାର ବିକାଶ ନିମନ୍ତେ **୧୯୫୨ରେ ନିଖିଳଭାରତ ହସ୍ତଶିଳ୍ପ** ବୋର୍ଡ ଗଠିତ ହୋଇଥିଲା। ୪୦ଟି ବିଭିନ୍ନ ଧରଣ ହସ୍ତଶିଳ୍ପର ବିକାଶ ଏହି ବୋର୍ଡର ପ୍ରତ୍ୟକ୍ଷ ଦାୟିତ୍ୱରେ ଅଛି। ଗାଲିଚା, ଧାତୁ ନିର୍ମିତ କାରୁକାର୍ଯ୍ୟ, ବସ୍ତ୍ର-ମୁଦ୍ରଣ, ହାତୀ ଦାନ୍ତ, ଜରି, କାଠ, କାଗଜ, ଲାଖ, ବେତ, ବାଉଁଶ କାମ, ଖେଳନା ଓ ପିତୁଳା, ମାଟିପାତ୍ର ଓ ସୁନାରୂପା ଶିଳ୍ପ—ଏହି ୧୦ଟି ହସ୍ତଶିଳ୍ପର ଉନ୍ନୟନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି ଏବଂ ହସ୍ତଶିଳ୍ପର ବିକ୍ରୀ ବଢ଼ାଇବା ସକାଶେ ବୋର୍ଡ ତରଫରୁ ଦେଶର ବିଭିନ୍ନ ଅଂଚଳରେ ୧୭୦ଟି ବିକ୍ରୀ କେନ୍ଦ୍ର ଖୋଲାଯାଇଛି। ବର୍ତ୍ତମାନ ବର୍ଷକୁ ପ୍ରାୟ ୧୦୦ କୋଟି ଟଙ୍କା ମୂଲ୍ୟର ହସ୍ତଶିଳ୍ପ ତିଆରି ହେଉଛି, ୬୨ କୋଟି ଟଙ୍କା ମୂଲ୍ୟର ହସ୍ତଶିଳ୍ପ ରପ୍ତାନି ହେଉଛି ଓ ଏଥିରେ ୧୦ ଲକ୍ଷ ଲୋକନିଯୁକ୍ତ ଅଛନ୍ତି।

## କ୍ଷୁଦ୍ର ଶିଳ୍ପ

ବର୍ତ୍ତମାନ ଦେଶରେ ନିମ୍ନଲିଖିତ ଦ୍ରବ୍ୟମାନ ... ସଂସ୍ଥାଦ୍ୱାରା ତିଆରି କରାଯାଉଛି—

(୧) ଯାନ୍ତ୍ରିକ ଇଂଜିନିୟରିଂ—ସାଇକେ... ଏହାର ବିଭିନ୍ନ ଅଂଶ, ସିଲେଇ କଳ ଓ ... ବିଭିନ୍ନ ଅଂଶ, ଟାଇପ୍ ରାଇଟର, ଘଣ୍ଟା, ବୈଦ୍ୟୁ... ଗାଣିତ୍ୟିକ ଯନ୍ତ୍ରପାତି, ଡାକ୍ତରୀ ଓ କୃଷି ... ଇତ୍ୟାଦି—(୨) ବୈଦ୍ୟୁତିକ ମୋଟର ଓ ... ନିୟନ୍ତ୍ରକ ଇତ୍ୟାଦି ସରଞ୍ଜାମ—(୩) ଇଲେକ୍ଟ୍ରୋ... ଆଂପ୍ଲିଫାୟାର, ରେଡିଓ ଟ୍ରାଂଜିଷ୍ଟର ଓ ଟେଲି... ଇତ୍ୟାଦି (୪) ରାସାୟନିକ—ଔଷଧ, ଇଂକ... ରଙ୍ଗ, ବାର୍ଣ୍ଣିସ, ପ୍ଲାଷ୍ଟିକ ଓ ରବର ଦ୍ରବ୍ୟ ... (୫) କାଚ ଜିନିଷ (୬) ସେରାମିକ ଜିନିଷ (୭) ... ଚେଞ୍ଜି ଓ ତିଆରି ଜାମା ଇତ୍ୟାଦି, (୮) ଖାଦ୍ୟ... ପାନୀୟ—ଉଦ୍‌ଭିଦ ତୈଳ, ସିରପ୍, ସ୍ୱାସ, ...

ସେଟି, ବିସ୍କୁଟ ଓ ଆଇସ୍‌କ୍ରିମ୍ ଇତ୍ୟାଦି, (୯) ଯୋତା ଓ ଚମଡ଼ା ଦ୍ରବ୍ୟ, (୧୦) ଖେଳ, ପର୍ଯ୍ୟଟନ ଓ ଅଫିସ ସରଂଜାମ ଇତ୍ୟାଦି ।

**ଶିଳ୍ପାଞ୍ଚଳ**—ତୃତୀୟ ଯୋଜନା ଶେଷ ସୁଦ୍ଧା ଅନୁମୋଦିତ ୩୩୭ଟି ଶିଳ୍ପାଂଚଳ ମଧ୍ୟରୁ ୨୭୦ଟି ପୂର୍ଣ୍ଣାଂଗ ହୋଇଥିଲା ଓ ୧୮୦ଟିରେ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏସବୁ ଶିଳ୍ପାଂଚଳରେ ୩,୭୦୦ଟି କାରଖାନା ଚାଲୁଛି, ୬୩,୦୦୦ ଲୋକ ନିଯୁକ୍ତ ରହିଛନ୍ତି ଏବଂ ୧୯୬୫-୬୬ରେ ୭୦ କୋଟି ଟଂକା ମୂଲ୍ୟର ଦ୍ରବ୍ୟ ତିଆରି ହୋଇଛି । ଏହାଛଡ଼ା ଶିଳ୍ପ ସମବାୟଗୁଡ଼ିକର ସଂଖ୍ୟା ଓ ସେଗୁଡ଼ିକର ସଭ୍ୟ ସଂଖ୍ୟା ଯଥାକ୍ରମେ ୧୯୬୧ରେ ୭,୧୦୫ ଓ ୮ ଲକ୍ଷ ଥିବାସ୍ଥଳେ ୧୯୬୪-୬୫ ମସିହାରେ ୫୧,୦୦୦ ଓ ୩୨ ଲକ୍ଷ ହୋଇଥିଲା ।

କେବଳ କେନ୍ଦ୍ର ସରକାର କ୍ଷୁଦ୍ର ଶିଳ୍ପ ସଂସ୍ଥାରୁ ୧୯୬୦-୬୧ରେ ୬.୫ କୋଟି ଟଙ୍କା ମୂଲ୍ୟର ମାଲ କିଣିଥିବା ସ୍ଥଳେ ୧୯୬୫ରେ ୨୧.୯୪ କୋଟି ଟଙ୍କା ମୂଲ୍ୟର ମାଲ କିଣିଥିଲେ । ରପ୍ତାନି କରାଯାଉଥିବା ହସ୍ତଶିଳ୍ପ, କତା ଓ କଟା ଜିନିଷ, ହାତ ତନ୍ତ ଓ ରେଶମ ଦ୍ରବ୍ୟର ମୂଲ୍ୟ ୧୯୬୦-୬୧ରେ ୨୫ କୋଟି ଟଙ୍କା ଥିବାସ୍ଥଳେ ୧୯୬୫-୬୬ ସୁଦ୍ଧା ୫୪ କୋଟି ଟଙ୍କା ହୋଇଥିଲା ।

**ଲୋକ ନିଯୁକ୍ତିର ସମ୍ଭାବନା ବୃଦ୍ଧି**—୧୯୬୫-୬୬ରେ ହିସାବକରି ଦେଖାଯାଇଛି ଯେ, ଗ୍ରାମ୍ୟ ଓ କ୍ଷୁଦ୍ର ଶିଳ୍ପରେ ପ୍ରାୟ ୨ କୋଟି ଲୋକଙ୍କୁ ନିଯୁକ୍ତି ମିଳିଥିଲା । ସବୁଯାକ ବୃହତ୍ ଶିଳ୍ପରେ ନିଯୁକ୍ତ ଲୋକଙ୍କ ସଂଖ୍ୟା ସଙ୍ଗେ ଏହା ପ୍ରାୟ ସମାନ ହେବ । ୧୯୭୦-୭୧ ସୁଦ୍ଧା ଏ କ୍ଷେତ୍ରରେ ୨୫ ନିୟୁତ ଲୋକଙ୍କ ପାଇଁ ନିଯୁକ୍ତି ମିଳିବାର ସମ୍ଭାବନା ରହିଛି ।

କ୍ଷୁଦ୍ର ଶିଳ୍ପ ଓ ଗ୍ରାମ୍ୟ ଶିଳ୍ପ କ୍ଷେତ୍ରରେ ଏହି ଯେଉଁ ଅଭିବୃଦ୍ଧି ଲକ୍ଷିତ ହେଉଛି, ତାହା ମୁଖ୍ୟତଃ ସରକାରୀ ସାହାଯ୍ୟ ଅନୁଷ୍ଠାନିକ ଋଣ, ଶିଳ୍ପାଞ୍ଚଳ ସ୍ଥାପନ ଓ ତାଲିମ ସୁବିଧା ଇତ୍ୟାଦି ଯୋଗୁଁ ସମ୍ଭବ ହୋଇପାରିଛି ।

---

## ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷାପାଇଁ "ୟୁନିସିଫ୍" ସାହାଯ୍ୟ

ଚତୁର୍ଥ ଯୋଜନା କାଳରେ ଭାରତୀୟ ବିଦ୍ୟାଳୟଗୁଡ଼ିକରେ ବିଜ୍ଞାନ ଶିକ୍ଷାର ଉନ୍ନତିସାଧନ ନିମନ୍ତେ ଏକ ମିଳିତ ଯୋଜନା ଚୁକ୍ତି ଭାରତ ସରକାର, ଜାତିସଂଘର ଶିକ୍ଷା, ବିଜ୍ଞାନ ଓ ସଂସ୍କୃତି ସଂସ୍ଥା (ୟୁନେସ୍କୋ) ଏବଂ ଜାତିସଂଘର ଆନ୍ତର୍ଜାତିକ ଜରୁରୀ ଶିଶୁପାଣ୍ଠି (ୟୁନିସିଫ୍) ମଧ୍ୟରେ ସ୍ୱାକ୍ଷରିତ ହୋଇଛି । ଏହି ଯୋଜନାରେ ଖର୍ଚ୍ଚ ହେବାକୁ ପ୍ରଥମ ବର୍ଷପାଇଁ ଆଠଲକ୍ଷ ଡଲାର ବରାଦ କରାଯାଇଛି । ଯୋଜନାରେ ଅନ୍ୟାନ୍ୟ ବ୍ୟବସ୍ଥା ମଧ୍ୟରେ ଶିକ୍ଷକ ତାଲିମ କଲେଜ, ରାଜ୍ୟ ଶିକ୍ଷା ପ୍ରତିଷ୍ଠାନ ପ୍ରଭୃତିରୁ ପ୍ରାୟ ୩୦୦ ବିଜ୍ଞାନ ଶିକ୍ଷକଙ୍କୁ ତାଲିମ ଦେବା ପରିକଳ୍ପନା ରହିଛି । ଗୋଟିଏ ଆଞ୍ଚଳିକ କଲେଜରେ ଏହି ତାଲିମ ବ୍ୟବସ୍ଥା ହେବ । ଏହା ବ୍ୟତୀତ ୧,୩୫୦ ବିଜ୍ଞାନ ପଦ୍ଧତି ଶିକ୍ଷକ ଏବଂ କେତୋଟି ମନୋନୀତ ମାଧ୍ୟମିକ ସ୍କୁଲର ପ୍ରାୟ ପାଞ୍ଚହଜାର ବିଜ୍ଞାନ ଶିକ୍ଷକଙ୍କ ପାଇଁ ତାଲିମ ବ୍ୟବସ୍ଥା ହେବ ।

# ଶିଳ୍ପ କ୍ଷେତ୍ରରେ ଅଭିବୃଦ୍ଧି

ସ୍ୱାଧୀନତା ପରେ ଏ ଜାତି କେତେଗୁଡ଼ିଏ ଜରୁରୀ କର୍ତ୍ତବ୍ୟର ସମ୍ମୁଖୀନ ହୋଇଥିଲା । ସେଥି ମଧ୍ୟରୁ ପ୍ରଧାନ କର୍ତ୍ତବ୍ୟ ହେଲା—ଆମର ସ୍ୱାଧୀନତାକୁ ଅର୍ଥନୈତିକ ରୂପ ଦେବା । କାରଣ ତା ନୋହିଲେ ଜନସାଧାରଣଙ୍କ ଆଖିରେ ସ୍ୱାଧୀନତାର କିଛି ଅର୍ଥ ରହନ୍ତା ନାହିଁ । ଜନସାଧାରଣଙ୍କ ଭାଗ୍ୟୋନ୍ନତି ଘଟାଇବା ଦିଗରେ ଶିଳ୍ପ ବିକାଶର ଭୂମିକା ଯେତେ ଗୁରୁତ୍ୱପୂର୍ଣ୍ଣ ଅନ୍ୟ କାହାର ସେତେ ନୁହେଁ । ତେଣୁ ଗତ ୧୯ବର୍ଷ ଭିତରେ ବିଶେଷତଃ ୧୯୫୫-୫୬ ମସିହାଠାରୁ ଆମ ଅର୍ଥନୀତିର ଶିଳ୍ପ କ୍ଷେତ୍ରରେ ଅଭିବୃଦ୍ଧିକୁ ଅବ୍ୟାହତ ରଖାଯାଇଛି । ତାହା ଫଳରେ ଆମେ ଆଜି ଦେଖୁପାଉଁ ଯେ ସ୍ୱାଧୀନତା ସମୟରେ ଆମର ସର୍ବମୋଟ ଶିଳ୍ପ ଉତ୍ପାଦନ ଯେତେ ଥିଲା ବର୍ତ୍ତମାନ ତା'ର ଦ୍ୱିଗୁଣ ହୋଇଛି ।

କେତେକ ଶିଳ୍ପରେ ଉତ୍ପାଦନ ପରିମାଣ ଆଶ୍ଚର୍ଯ୍ୟଜନକ ଭାବେ ବୃଦ୍ଧି ପାଇଛି । ଉଦାହରଣ ସ୍ୱରୂପ ସାଇକଲ ଉତ୍ପାଦନ ୧୯୫୦-୫୧ରେ ୯୯ ହଜାର ଥିବାସ୍ଥଳେ ୧୯୬୫-୬୬ରେ ୧୭ ଲକ୍ଷ ଅର୍ଥାତ୍ ୧୮ ଗୁଣ ବୃଦ୍ଧି ପାଇଛି; ସିଲାଇ କଳର ଉତ୍ପାଦନ ସଂଖ୍ୟା ୩୩ ହଜାରରୁ ୪.୫ ଲକ୍ଷ (୧୪ଗୁଣ)କୁ ବୃଦ୍ଧି ପାଇଛି; କଳ ତିଆରି କପା ଲୁଗା ୩,୭୨୦ ନିୟୁତ ଗଜକୁ (୧୨ ଗୁଣ) ବୃଦ୍ଧି ପାଇଛି; ହାତତନ୍ତ ଓ କଳତନ୍ତ ଲୁଗା ୧,୦୦୮ ନିୟୁତ ଗଜରୁ ୩,୪୬୦ ନିୟୁତ ଗଜ (୩ ୧/୨ ଗୁଣ)କୁ ଏବଂ ଚିନି ଉତ୍ପାଦନ ୧୦ ଲକ୍ଷ ମେଟ୍ରିକ ଟନରୁ ୩୫ ଲକ୍ଷ ମେଟ୍ରିକ ଟନ (୩ ୧/୨ ଗୁଣ)କୁ ବୃଦ୍ଧି ପାଇଛି ।



## ସଂଖ୍ୟାତୀତ ନୂଆ ନୂଆ ଶିଳ୍ପ ସ୍ଥାପନ

ସ୍ୱାଧୀନତା ପ୍ରାପ୍ତିର ଅବ୍ୟବହିତ ପୂ
ଏ ଦେଶରେ ମୁଷ୍ଟିମେୟ କେତୋଟି ବ୍ୟ
ସାମଗ୍ରୀର ଶିଳ୍ପ ରହିଥିଲା । ଯଥା—ଚିନି, ବସ୍ତ୍ର, ସି
ଷ୍ଟୋଭ ଓ କାଗଜ ପ୍ରଭୃତି । ତା'ତୁଳନାରେ, ଦେଖି
ଗଲେ ବର୍ତ୍ତମାନ ଦେଶରେ ରହିଥିବା
ଶିଳ୍ପର ସଂଖ୍ୟା ଯଥେଷ୍ଟ ବେଶୀ । ପୂର୍ବରୁ ଏ ଦେ
ଯେଉଁ କେତୋଟି ଶିଳ୍ପ ରହି ଆସିଥିଲା
ସଂପ୍ରସାରଣ ଓ ଉନ୍ନତିବିଧାନ କରାଯିବା
ସଙ୍ଗେ ଇତିମଧ୍ୟରେ ବହୁସଂଖ୍ୟକ ନୂଆ
ଶିଳ୍ପ ପ୍ରତିଷ୍ଠା କରାଯାଇଛି ଓ ବହୁବିଧ ସାମଗ୍ରୀ
କରାଯାଉଛି । ଉଦାହରଣ ସ୍ୱରୂପ —

(୧) ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯଥା—
ଓ୍ୱାଚ୍, ସିଲେଇ କଳ, ବାଇ ସାଇକଲ,
ବିଜୁଳି ଆଲୁଅ, ବିଜୁଳି ପଂଖା, ବିଜୁଳି ଚୁଲି (
ପ୍ରେସର କୁକର, ଥର୍ମୋସ ଫ୍ଲାସ୍କ ଇତ୍ୟାଦି ।

(୨) କଳକବ୍ଜା ଯଥା—ଲୁଗା ଓ ସୂତା
ଚିନିକଳ, କାଗଜ କଳ, ଖଣି ଓ ଧାତୁ ପରିଷ୍କରଣ
ଡିଜେଲ ଇଞ୍ଜିନ୍, ବିଦ୍ୟୁତ୍ ଚାଳିତ ପମ୍ପ, କଳ
(ଟ୍ରାକ୍ଟର) ଇତ୍ୟାଦି ତଥା ସୋଭେଲ, ବୁଲ୍‌ଡୋ
ଡମ୍ପର ମାଟିଖୋଳା ଯନ୍ତ୍ର ଇତ୍ୟାଦି ।

(୩) ଇଞ୍ଜିନିୟରିଂ ଉପକରଣ ଯଥା—
ରାଇଟର, ସ୍କୁଟର, ମଟର ସାଇକଲ, ଗ୍ରାମୋ
ସିନେମା ପ୍ରୋଜେକ୍ଟର, ଟେପ୍ ରେକର୍ଡର ଇ

(୪) ଔଷଧ ଯଥା—ପେନିସିଲିନ, ଷ୍ଟ୍ରେପ୍ଟୋମାଇ
ଟେଟ୍ରାସାଇକ୍ଲିନ, ଭିଟାମିନ୍ ଇତ୍ୟାଦି ।

(।୵) ବିଜ୍ଞାନ ଯନ୍ତ୍ରପାତି ଯଥା—ଅଣୁବୀକ୍ଷଣ ଯନ୍ତ୍ର, ଗାଲ୍‌ଭାନୋମିଟର, ଅଣୁବୀକ୍ଷଣଯନ୍ତ୍ର, ଦୂରବୀକ୍ଷଣଯନ୍ତ୍ର ଇତ୍ୟାଦି ।

(।୶) ବିଦ୍ୟୁତ୍ ଉତ୍ପାଦନ ଓ ସରବରାହ ଯନ୍ତ୍ରପାତି ଯଥା—ଟର୍ବାଇନ୍, ଟ୍ରାନ୍‌ସଫର୍ମର, ଇଲେକ୍‌ଟ୍ରିକ୍ ମୋଟର, ହେଭି଼ଡିଉଟି ସୁଇଚ୍ ଗିୟର, ସାର୍କିଟ ବ୍ରେକର, ଗ୍ରାଇଣ୍ଡର ବଏଲର ଇତ୍ୟାଦି ।

(।୷)ପରିବହନ ଓ ଯୋଗାଯୋଗ ଯନ୍ତ୍ରପାତି ଯଥା—କାର୍, ଜିପ୍, ଟ୍ରକ୍, ବସ୍, ରେଲଇଞ୍ଜିନ୍, ରେଲବଗି, ରେଲଡବା, ଜାହାଜ, ଉଡ଼ାଜାହାଜ, ରେଡ଼ିଓ, ଟେଲିଫୋନ୍ ଯନ୍ତ୍ର ଟେଲିଫୋନ୍ ଏକ୍‌ସଚେଞ୍ଜ ଯନ୍ତ୍ରପାତି, ମାଇକ୍ରୋଓ୍ୱେଭ୍ ଯୋଗାଯୋଗ ଯ ନ୍ତ୍ର ପା ତି, ଟେଲିପ୍ରିଣ୍ଟର ଇତ୍ୟାଦି ।

କେତେକ ଶିଳ୍ପପତିରେ ଯେପରି ନୂଆ ନୂଆ ଦ୍ରବ୍ୟ ଓ ଯନ୍ତ୍ରପାତି ତିଆରି ହେଉଛି ତାହା ବିଶେଷ ଉଲ୍ଲେଖଯୋଗ୍ୟ ଏଭଳି ନୂଆ ନୂଆ ମନୋହର ସାମଗ୍ରୀମାନ ଏବେ ସହର ବଜାର କାହିଁକି, ଅନ୍ଧ କନ୍ଦ ଗାଆଁ ଗଣ୍ଡାରେ ବି ଲୋକପ୍ରିୟ ହୋଇପାରିଛି ।

(୪) ଲୁହା ଓ ଇସ୍ପାତ ଉତ୍ପାଦନ ଚଗୁଣବୃଦ୍ଧି—ରାଷ୍ଟ୍ରର ପ୍ରତିରକ୍ଷା ଓ ଉନ୍ନୟନ ପାଇଁ ଲୁହା ଓ ଇସ୍ପାତ ଶିଳ୍ପର ବିକାଶ ଅତ୍ୟାବଶ୍ୟକ ହୋଇଥିବାରୁ ସ୍ୱାଧୀନତା ପରେ ଆଗେ ଲୁହା ଓ ଇସ୍ପାତ୍ ଶିଳ୍ପର ସଂପ୍ରସାରଣ ପ୍ରତି ଦୃଷ୍ଟି ଦିଆଯାଇଥିଲା । ସ୍ୱାଧୀନତା ପ୍ରାପ୍ତି ପରେ ୧୯୫୦ ବେଳକୁ ଭାରତରେ ତିନୋଟି ମାତ୍ର ଇସ୍ପାତ୍ କାରଖାନା ଥିଲା ଯଥା—ବିହାରର ଜାମସେଦପୁର, ପଶ୍ଚିମ ବଙ୍ଗର ହୀରାପୁର ଓ ମହୀଶୂରର ଭଦ୍ରାବତୀ କାରଖାନା । ଏଗୁଡ଼ିକ ବେସରକାରୀ ଉଦ୍ୟୋଗରେ ପରିଚାଳିତ ହେଉଥିଲା ଓ ବାର୍ଷିକ ପ୍ରାୟ ୧୦ ଲକ୍ଷ ଟନ୍ ଲୁହା ପିଣ୍ଡ ଉତ୍ପାଦନ କରୁଥିଲା । ଦ୍ୱିତୀୟ ପଂଚବାର୍ଷିକ ଯୋଜନା କାଳରେ ଏଥି ସହିତ ସରକାରୀ କ୍ଷେତ୍ରରେ ଆଉ ତିନୋଟି ଲୁହା ଓ ଇସ୍ପାତ କାରଖାନା ଯୋଗ କରାଗଲା (ରାଉରକେଲା, ଭିଲାଇ ଓ ଦୁର୍ଗାପୁର) । ଫଳତଃ ୧୯୬୦-୬୧ ରେ ଯେତେ ଲୁହାପିଣ୍ଡ ଉତ୍ପାଦିତ ହେଉଥିଲା ବର୍ତ୍ତମାନ ତାହାର ୫ ଗୁଣ ଅର୍ଥାତ୍ ୬୦ ଲକ୍ଷ ଟନ୍ ପିଣ୍ଡ ବାର୍ଷିକ ଉତ୍ପାଦନ କରାଯାଉଛି । ବୋକାରୋ ନିକଟରେ ଯେଉଁ ଇସ୍ପାତ୍ କାରଖାନା ସ୍ଥାପିତ ହେବାକୁ ଯାଉଛି ତାହା ହେବ ଏଥି ମଧ୍ୟରେ ବୃହତ୍ତମ । ପ୍ରଥମାବସ୍ଥାରେ ସେଥିରୁ ବାର୍ଷିକ ୧.୫ ନିୟୁତ ଟନ୍ ଲୌହପିଣ୍ଡ ଉତ୍ପାଦନ କରାଯିବ ଏବଂ ପରିଣାମରେ ତାହାର ପରିମାଣ ୪ ନିୟୁତ ଟନ୍‌କୁ ବୃଦ୍ଧି ପାଇବ । ଯେତେବେଳେ ଏହିସବୁ କାରଖାନା ପୂରାଦମ୍‌ରେ ଚାଲୁ ହେବ ସେତେବେଳେ ଆମର ବାର୍ଷିକ ଉତ୍ପାଦନ ୧୦ ନିୟୁତ ଟନ୍‌ରୁ ଅଧିକ ହୋଇଯିବ ବୋଲି ଆଶା କରାଯାଏ ।

## ରେଲଇଞ୍ଜିନ୍

ଏ ଦେଶରେ ରେଳ ଇଞ୍ଜିନ ତିଆରିପାଇଁ ପ୍ରଥମ ଉଦ୍ୟମ ହୁଏ ୧୯୫୦ ମସିହାରେ । ପଶ୍ଚିମବଙ୍ଗ ଚିତ୍ତରଞ୍ଜନଠାରେ ଏଥିପାଇଁ ସେ ବର୍ଷ ଗୋଟିଏ କାରଖାନା ସ୍ଥାପନ କରାଯାଇଥିଲା । ତାପରଠାରୁ ରେଲଇଞ୍ଜିନ ତିଆରି ପାଇଁ ବେସରକାରୀ ଉଦ୍ୟୋଗରେ ଜାମସେଦପୁରଠାରେ ଓ ସରକାରୀ ଉଦ୍ୟୋଗରେ ବାରାଣସୀଠାରେ ଦୁଇଟି କାରଖାନା ସ୍ଥାପିତ ହୋଇଛି । ଏହି ତିନୋଟି କାରଖାନାରୁ ବହୁ ସଂଖ୍ୟାରେ ବିଭିନ୍ନ କିସମର ରେଲଇଞ୍ଜିନ ତିଆରି ହେଉଛି । ଏକା ଚିତ୍ତରଞ୍ଜନ କାରଖାନାରୁ ଏ ପର୍ଯ୍ୟନ୍ତ ପ୍ରାୟ ୧,୮୦୦ ଇଞ୍ଜିନ ତିଆରି ହେଲାଣି ।

## ବାଷ୍ପୀୟ ଇଞ୍ଜିନ ଉତ୍ପାଦନରେ ଆତ୍ମନିର୍ଭରଶୀଳତା

ଚିତ୍ତରଞ୍ଜନ ଲୋକୋ ଓ୍ୱାର୍କସ୍‌ରେ ବର୍ଷକୁ ପ୍ରାୟ ୧୬୨ଟି ବ୍ରଡ୍-ଗଜ୍ ଇଞ୍ଜିନ୍ ତିଆରି ହେଉଛି ।

ଜାମସେଦପୁରଠାରେ ଟାଟାଇଞ୍ଜିନିୟରିଂ ଏଣ୍ଡ ଲୋକୋମୋଟିଭ୍ କଂପାନୀ ମିଟର-ଗଜ୍ ଇଞ୍ଜିନମାନ ତିଆରି କରୁଛି । ରେଳଇଞ୍ଜିନ ଦିଗରୁ ଭାରତ ବର୍ତ୍ତମାନ ସ୍ୱାବଲମ୍ବୀ ହେଲାଣି ଏବଂ ଏଣିକି ଭାରତ ବିଦେଶକୁ ବାଷ୍ପୀୟ ରେଳଇଞ୍ଜିନ୍ ରପ୍ତାନି କରିବ ।

## ବିଦ୍ୟୁତ୍ ଓ ଡିଜେଲ୍ ଇଞ୍ଜିନ୍

୧୯୬୧ ମସିହାଠାରୁ ମଧ୍ୟ ଚିତ୍ତରଞ୍ଜନ କାରଖାନାରେ ବିଦ୍ୟୁତ୍ ଚାଳିତ ଇଞ୍ଜିନମାନ ତିଆରି କରାଯାଉଛି । ସେଗୁଡ଼ିକରୁ ବହୁସଂଖ୍ୟକ ଇଞ୍ଜିନ୍ ଭାରତୀୟ ରେଳପଥରେ ଚାଲୁଛି । ବାରାଣସୀଠାରେ ଥିବା ଡିଜେଲ୍ ଲୋକୋମୋଟିଭ୍ ୱର୍କସ୍‌ରେ ୧୯୬୪ଠାରୁ ଡିଜେଲ ଲୋକୋମୋଟିଭ୍‌ମାନ ନିର୍ମିତ ହେଉଛି । ବର୍ଷକୁ ୧୫୦ଟି ଇଞ୍ଜିନ୍ (ଡିଜେଲ) ଉତ୍ପାଦନ ପାଇଁ ଏଠାରେ ଯେଉଁ ଲକ୍ଷ୍ୟ ରଖାଯାଇଛି ତାହା ଚଳିତବର୍ଷ ହାସଲ ହୋଇପିବାର ସମ୍ଭାବନା ରହିଛି । କେତେକ ରେଳପଥରେ ମଧ୍ୟ ଡିଜେଲ୍ ଇଞ୍ଜିନ୍ ଚାଲିଲାଣି । ଭାରତରେ ପ୍ରଚୁର ପରିମାଣରେ ଡିଜେଲ୍ ତେଲ ଥିବାରୁ ଭବିଷ୍ୟତରେ ଡିଜେଲ୍ ସାହାଯ୍ୟରେ ରେଳ ଚଳାଚଳ ଅପେକ୍ଷାକୃତ ଶସ୍ତା ପଡ଼ିବ ।

## ରେଳ ବଗି ଓ ରେଳ ଡବା

ମାଡ୍ରାଜ ନିକଟବର୍ତ୍ତୀ ପେରାମ୍ବୁରଠାରେ ଅଖଣ୍ଡ ବଗି ତିଆରି କାରଖାନା ସ୍ଥାପିତ ହୋଇ ସେଥିରୁ ୧୯୫୫ ମସିହାରେ ଉତ୍ପାଦନ ଆରମ୍ଭ ହେଲା । ଭାରତରେ ରେଳଡବା ତିଆରିପାଇଁ ଏହାହିଁ ପ୍ରଥମ କାରଖାନା । ରେଳ ଡବା ତିଆରି କରିବାରେ ଏହି କାରଖାନା ପୃଥିବୀର ବୃହତ୍ତମ କାରଖାନା ମଧ୍ୟରୁ ଏକତମ । ଏଥିରେ ବର୍ଷକୁ ସର୍ବାଧିକ ୭୦୦ ବଗି ତିଆରି ହୋଇପାରୁଛି । ୧୯୬୮ ଡିସେମ୍ବର ସୁଦ୍ଧା ଏହି କାରଖାନାରୁ ବ୍ରଡ଼-ଗଜ ଓ ମିଟର ଗଜ ଉପଯୋଗୀ ୩,୮୭୭ ଧାତବ ବଗିଗୁଡ଼ିକ (କୋଚ୍‌ସେଲ୍) ଓ ୧,୯୩୩କୁ ସଂପୂର୍ଣ୍ଣ ସଜ୍ଜିତ ଡବା (ବଗି) ତିଆରି ହୋଇ[...] ଭାରତୀୟ ରେଳପଥ ପାଇଁ ଯେ କୌଣସି ପ୍ର[...] ବଗି ଦରକାର ପଡ଼ିଲେ ବି ତାହା ତିଆରି କରି[...] ଏହି କାରଖାନା ସମର୍ଥ ହେବାଭଳି ଅ[...] ଆସିଗଲାଣି । ତେଣୁ ଭାରତୀୟ ରେଳବାଇ[...] ଯେତେ ଡବା, ବଗି ଦରକାର କରିବେ ସ[...] ଦେଶ ମଧ୍ୟରେ ତିଆରି କରାଯାଇ ପାରିବ ।

## ମୋଟରକାର୍, ବସ୍, ଟ୍ରକ୍, ଉତ୍ପାଦନ

ବମ୍ବେ, ମାଡ୍ରାଜ ଓ କଲିକତାରେ ପ୍ର[...] କେତେକ କାରଖାନାରୁ ବହୁ ପ୍ରକାର ମଟର[...] (କାର୍, ଟ୍ରକ୍ ଓ ବସ୍) ତିଆରି ହେଉ[...] ୧୯୫୦-୫୧ ରେ ଏସବୁ କାରଖାନାରେ ୧୬,୫୦୦[...] ଗାଡ଼ି ନିର୍ମିତ ହୋଇଥିଲା, ଏବେ ଉତ୍ପାଦନ ୫[...] ୯୦,୦୦୦ରୁ ଅଧିକ ହେଲାଣି । ବର୍ତ୍ତମାନ ଭାରତୀୟ[...] ଓ ନଗରମାନଙ୍କରେ ଚାଲୁଥିବା ମଟର ଗାଡ଼ି[...] ଶତକଡ଼ା ୯୦ ଭାଗ ଭାରତରେ ତିଆରି ।

## ସ୍କୁଟର, ମଟର ସାଇକଲ ଓ ସାଇକଲ

ତୃତୀୟ ଯୋଜନା ଶେଷ ସୁଦ୍ଧା ଏ ଦେଶ[...] ସ୍କୁଟର, ମଟର ସାଇକଲ, ମୋପେଡ଼ ଓ ତିନଚ[...] ଗାଡ଼ିର ଉତ୍ପାଦନ ୧,୫୩,୬୦୦ ହୋଇଥି[...] ଚତୁର୍ଥ ଯୋଜନାପାଇଁ ଯୋଜନା କମିଶନ[...] ସବୁର ଉତ୍ପାଦନ ଲକ୍ଷ୍ୟ ୧୫୦,୦୦ ରଖି[...] କିନ୍ତୁ ତୃତୀୟ ଯୋଜନା ଶେଷସୁଦ୍ଧା ଏହି [...] ତୁଳନାରେ ଅଧିକ ଉତ୍ପାଦନ ହୋଇଛି । [...] ୧୫ ବର୍ଷ ମଧ୍ୟରେ ସାଇକଲ ଉତ୍ପାଦନର ୧୮ [...] ବୃଦ୍ଧି ପାଇଛି । ୧୯୫୧-୫୨ରେ ସାଇ[...] ଉତ୍ପାଦନ ୧ ଲକ୍ଷରୁ କମ୍ ଥିବା ସ୍ଥଳେ ବର୍ତ୍ତ[...] ୧୭ ଲକ୍ଷ ସାଇକଲ ତିଆରି ହେଉଛି ।

## ଜାହାଜ ତିଆରି

ବିଶାଖାପାଟଣାରେ ଥିବା ଜାହାଜ ତି[...] କାରଖାନାରୁ ସର୍ବପ୍ରଥମ ଭାରତ ତିଆରି ଜା[...]

୯୪୮ ରେ ଭସାଯାଇଛି । ୧୯୬୫-୬୬ ସୁଦ୍ଧା ଙ୍କ କାରଖାନାରୁ ୩୪ଟି ମହାସାଗରଗାମୀ ଜାହାଜ ଆରି ହୋଇଛି । ଏଠାରୁ ବର୍ଷକୁ ୪ଟି ଜାହାଜ ଆରି କରାଯାଉଛି । ୧୯୬୭-୬୮ଠାରୁ ତେଣିକି ରୁ କାରଖାନାର ବାର୍ଷିକ ଉତ୍ପାଦାନ ସାମର୍ଥ୍ୟ କୁ ବୃଦ୍ଧି କରାଯିବ ।

## ଉଡ଼ାଜାହାଜ

ବାଙ୍ଗାଲୋରଠାରେ ଅବସ୍ଥାପିତ ହିନ୍ଦୁସ୍ଥାନ ଉଡ଼ାଜାହାଜ କାରଖାଖାନା (ଏଆରକ୍ରାଫ୍ଟ ଫାକ୍ଟରି) ୧୯୪୦ରେ ଗୋଟିଏ ମରାମତି ାରଖାନା ଭାବରେ ଆରମ୍ଭ କରାଯାଇଥିଲା । ୯୪୮ରେ ଏହାକୁ ଏକ ନିର୍ମାଣକାରୀ ସଂସ୍ଥାରେ ରିଣତ କରାଗଲା ଓ ୧୯୫୬ରେ ଏଥିରୁ ଉତ୍ପାଦନ ରମ୍ଭ ହେଲା । ଏଠାରୁ ବର୍ତ୍ତମାନ ବହୁ ପ୍ରକାର ଡ଼ାଜାହାଜ ତିଆରି ହେଉଛି ଯଥା—ଏଇଚ. ଟି୨ ନେର ଏୟାର କ୍ରାଫ୍ଟ, ଏଇଚ, ଜେ. ଟି. ୧୬ ଟ ଟ୍ରେନ୍‌ର ଏୟାର କ୍ରାଫ୍ଟ ଗଂପାସ୍ୟାର, ଟ ଫାଇଟର (ଯୁଦ୍ଧ ବିମାନ), ଏଇଚ. ଏଫ୍. ୨୪ ପରସୋନିକ ଫାଇଟର ଏୟାର କ୍ରାଫ୍ଟ, ଗ୍ନେଟ ଟ ଫାଇଟର ଇତ୍ୟାଦି । ୧୯୬୫ରେ ପାକିସ୍ଥାନ ରତ ମଧ୍ୟରେ ଯେଉଁ ଯୁଦ୍ଧ ହୋଇଥିଲା ସେଥିରେ ଯୁଦ୍ଧ ବିମାନଗୁଡ଼ିକ ଉଲ୍ଲେଖଯୋଗ୍ୟ କାର୍ଯ୍ୟ ରିଥିଲେ । ଆଉ ମଧ୍ୟ ଏହି କାରଖାନାରୁ ଲିକୋପ୍ଟର ଓ ହାଲୁକା ବିମାନମାନ ତିଆରି ଉଛି । ଏଗୁଡ଼ିକ ଶସ୍ୟ କ୍ଷେତ୍ରରେ କୀଟନାଶକ ଷଧ ଛିଞ୍ଚିବା ପକ୍ଷେ ଏକାନ୍ତ ଉପଯୋଗୀ । ନସୁରଠାରେ ଥିବା ଭାରତୀୟ ବ୍ୟୋମବାହିନୀର ଜାହାଜ ତିଆରି କାରଖାନାରୁ ଆଭ୍ରୋ ୭୪୮ ାନମାନ ସାମରିକ ପରିବହନ ଉଦ୍ଦେଶ୍ୟରେ ଣ କରାଯାଉଛି । ଏଗୁଡ଼ିକ ପାର୍ବତ୍ୟ ଚଳରେ ବ୍ୟବହାରପାଇଁ ଅତ୍ୟନ୍ତ ଉପଯୋଗୀ ଏବଂ ବର୍ତ୍ତମାନ ଭାରତୀୟ ବିମାନବାହିନୀଦ୍ୱାରା ଏ ଉଦ୍ଦେଶ୍ୟରେ ବ୍ୟବହୃତ ଡାକୋଟା ବିମାନ ପରିବର୍ତ୍ତେ ଏହିଗୁଡ଼ିକ ବ୍ୟବହାର କରାଯାଇ ପାରିବ ।

## ପେଟ୍ରୋଲିୟମ ସାମଗ୍ରୀ

ବିଭିନ୍ନ ଧରଣର ଯାନବାହନ ଚଳାଇବାପାଇଁ ତଥା ଶିଳ୍ପ କାରଖାନା ଚଳାଇବାପାଇଁ ଆଧୁନିକ ଯୁଗରେ ତୈଳ (ପେଟ୍ରୋଲ) ଏକାନ୍ତ ଆବଶ୍ୟକ । ସ୍ୱାଧୀନତା ପୂର୍ବରୁ ଆମ ଦେଶରେ ତୈଳ ଉତ୍ପାଦନ ଖୁବ୍ ନଗଣ୍ୟ ଥିଲା । ବର୍ତ୍ତମାନ ଆସାମର ନୂନମାଟି ବିହାରର ବରାଉନି, ଗୁଜରାଟର କୋୟାଲିଠାରେ ଥିବା ତିନୋଟି ସରକାରୀ ତୈଳ ଶୋଧନାଗାରରେ ବର୍ଷକୁ ପ୍ରାୟ ୩୭ ଲକ୍ଷ ଟନ ତୈଳ ବିଶୋଧିତ ହେଉଛି । ବେସରକାରୀ କ୍ଷେତ୍ରରେ ଯେଉଁ ତିନୋଟି ଶୋଧନାଗାର ଅଛି । (ସେଥି ମଧ୍ୟରୁ ଗୋଟିଏ ବମ୍ବେ ଓ ଆଉ ଗୋଟିଏ ବିଶାଖାପାଟଣାରେ ରହିଛି) । ସେଠାରେ ବର୍ଷକୁ ଆଉ ୪୬ ଲକ୍ଷଟନ ତୈଳ ବିଶୋଧନ କରାଯାଉଛି ।

ଏସବୁ ଶୋଧନାଗାରପାଇଁ ଦରକାର ପଡ଼ୁଥିବା ଅସଂସ୍କୃତ ତୈଳ (କ୍ରୁଡ଼ ଅଏଲ) ର ଅଧିକାଂଶ ଭାଗ ପ୍ରଥମେ ଆମଦାନି କରାଯାଉଥିଲା । ଆଜିକାଲି ଆସାମ ଓ ଗୁଜରାଟରେଥିବା ଅନେକ ତୈଳ କୂପରୁ ଅବିଶୋଧିତ ତୈଳ ଉତ୍ପାଦନ କରାଯାଉଛି । ଆଉ ମଧ୍ୟ ପଂଜାବ, ପଶ୍ଚିମ ବଙ୍ଗ, ଜାମ୍ମୁ ଓ କାଶ୍ମୀର ଏବଂ ରାଜସ୍ଥାନରେ ତୈଳ ଖଣିର ସଂଧାନ କରାଯାଉଛି ।

## ପେଟ୍ରୋଲିୟମ ଜାତ ରାସାୟନିକ ସାମଗ୍ରୀ

ପେଟ୍ରୋଲିୟମ ପରିଶୋଧନ ଶିଳ୍ପକୁ ଭିତ୍ତିକରି ଏବେ ଭାରତରେ ପେଟ୍ରୋଲିୟମଜାତ ରାସାୟନିକ ସାମଗ୍ରୀ ଉତ୍ପାଦନପାଇଁ ଏକ ନୂଆ ଧରଣର ଶିଳ୍ପ ଗଢ଼ି ଉଠିଛି । ସେଥିପାଇଁ ବେସରକାରୀ କ୍ଷେତ୍ରରେ

ଗୋଟିଏ କାରଖାନା ବମ୍ବେଠାରେ ଖୋଲା ସରିଛି ଏବଂ କୋୟାଲିଠାରେ ଆଉ ଗୋଟିଏ କାରଖାନା ସରକାରୀ ଉଦ୍ୟୋଗରେ ପ୍ରତିଷ୍ଠା କରାଯିବ । ପେଟ୍ରୋଲିୟମ ପରିଶୋଧନ ପରେ ନାପ୍‌ଥା ନାମକ ଏକ ଉପଜାତ ଦ୍ରବ୍ୟ ବଳକା ରହିଯାଏ । ଏହି ନାପ୍‌ଥାକୁ ବ୍ୟବହାର କରି ଏବେ ପୋଲିଥିଲିନ, ପି. ଭି. ସି., ପୋଲିଷ୍ଟାଇରିନ୍ ପ୍ରଭୃତି ପ୍ଲାଷ୍ଟିକ୍ ସାମଗ୍ରୀ ନାଇଲନ୍, ପୋଲିଏଷ୍ଟର, ଆକ୍ରିଲିକ୍ ଓ ପି. ଭି. ଏ. ଭଳି କୃତ୍ରିମ ତନ୍ତୁ, ଏସ୍. ବି. ଆର୍, ପୋଲିବୁଟାଡ଼ିଏନ୍ ଓ ବୁ୍ୟଟିଲ ସମେତ କୃତ୍ରିମ ରବର, ତଥା ରଂଗ, ଉପାଦାନ, ପୋକମରଣ ଦ୍ରବ୍ୟ, ଔଷଧ ଓ ଅନ୍ୟାନ୍ୟ ଅନେକ ସାମଗ୍ରୀ ତିଆରି ହେଉଛି ।

## ଔଷଧ

ପେନ୍‌ସିଲିନ୍, ଷ୍ଟ୍ରେପ୍ଟୋମାଇସିନ୍, ଟେଟ୍ରାସାଇକ୍ଲିନ କୋରେମ୍ଫେନିକଲ, ଭିଟାମିନ ଇତ୍ୟାଦି ଜୀବନ ରକ୍ଷାକାରୀ ଆଧୁନିକ ଔଷଧମାନ ତିଆରି କରୁଥିବା କାରଖାନାଗୁଡ଼ିକର ସଂପ୍ରସାରଣପାଇଁ ପ୍ରଥମ ଓ ଦ୍ୱିତୀୟ ଯୋଜନା କାଳରେ ଯଥେଷ୍ଟ ବ୍ୟବସ୍ଥା କରାଯାଇଥିଲା । ପୁନା ନିକଟବର୍ତ୍ତୀ ପିଂପ୍ରିଠାରେ ଭାରତର ପ୍ରଥମ ପେନ୍‌ସିଲିନ୍ କାରଖାନା ପ୍ରତିଷ୍ଠା କରାଯାଇଥିଲା ; ତାହାର ପରିସର ବର୍ତ୍ତମାନ ବହୁତ ବଢ଼ି ଯାଇଛି । ଋଷିକେଶଠାରେ ଗୋଟିଏ ଜୀବାଣୁ ପ୍ରତିଷେଧକ ଔଷଧ (ଆଣ୍ଟିବାଇଓଟିକ୍) କାରଖାନା ଏବଂ ହାଇଦରାବାଦର ସନତ୍‌ନଗରରେ ଗୋଟିଏ ସଂଶ୍ଳେଷିତ ଔଷଧ କାରଖାନା (ସିନ୍ଥେଟିକ ଡ୍ରଗ୍ ଫାକ୍ଟେରୀ) ସ୍ଥାପିତ ହୋଇ ସେଥିରୁ ଉତ୍ପାଦନ ଆରମ୍ଭ ହୋଇଛି ।

୧୯୬୫-୬୬ ମସିହାରେ ମୋଟ ୧୫୦ କୋଟି ଟଙ୍କା ମୂଲ୍ୟର ଔଷଧ ତିଆରି ହୋଇଥିଲା ଚଳିତ ଯୋଜନା କାଳରେ ବାର୍ଷିକ ୨୫୦ କୋଟି ଟଙ୍କା ମୂଲ୍ୟର ଔଷଧ ତିଆରି ପାଇଁ ଲକ୍ଷ୍ୟ ରଖାଯାଇଛି ।



## ରାସାୟନିକ ସାର

ଖାଦ୍ୟ ସମସ୍ୟା ଭାରତରେ ଲାଗି ରହି... ଏହାର ସମାଧାନପାଇଁ ନାନା ପନ୍ଥା ... କରାଯାଉଛି କିନ୍ତୁ ଏକଥା ସମସ୍ତେ ସ୍ୱୀକାର କ... ଯେ ଖାଦ୍ୟ ଉତ୍ପାଦନ ବୃଦ୍ଧି ପାଇଁ ମାଟିରେ ରାସା... ସାରର ପ୍ରୟୋଗ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ । ଏ... ୧୯୫୧ରେ ସିନ୍ଦ୍ରିଠାରେ (ବିହାର) ଭାରତର ପ୍ର... ସାର ତିଆରି କାରଖାନା ସ୍ଥାପନ କରାଯାଇ... ତାପରେ ନଂଗଲ, ଦୁର୍ଗାପୁର ଓ ଟ୍ରମ୍ବେ... ଅନେକଟି କାରଖାନା ପ୍ରତିଷ୍ଠା କରାଯାଇ ସେଥିରୁ ... ଉତ୍ପାଦନ ହେଲାଣି । ନେଇଭେଲି, ନାହରକା... ଗୋରଖପୁର ଓ କୋଟାଠାରେ ଆଉ ପାଞ୍ଚଟି କାର... ତିଆରି ଚାଲିଛି । କୋଚିନ ଓ ମାଡ୍ରାଜଠାରେ ... ସାର କାରଖାନା ନିର୍ମାଣ ଯୋଜନା କାର୍ଯ୍ୟ... ହେଉଛି ଏବଂ ବେସରକାରୀ ଉଦ୍ୟମରେ ବିଶାଖା... ଓ ବରୋଦାଠାରେ ଆଉ ଦୁଇଟି କାରଖାନା ... ହେଉଛି । ୧୯୬୫-୬୬ରେ ୨,୩୩,୦୦୦ ମେଟ୍ରି... ନାଇଟ୍ରୋଜେନ୍ ସାର ଉତ୍ପାଦିତ ହୋଇଥିଲା । ଉତ୍ପାଦନ ବଢ଼ାଇବାପାଇଁ ସରକାରୀ ଓ ବେସର... କ୍ଷେତ୍ରରେ ଯେଉଁଭଳି ବିପୁଳ ପ୍ରଚେଷ୍ଟା ଚାଲିଛି ... ଆଶା କରାଯାଏ ଯେ ୪ର୍ଥ ଯୋଜନାକାଳ ... ୨ ନିୟୁତ ମେଟ୍ରିକ ଟନ୍ ଉତ୍ପାଦନର ଲକ୍ଷ୍ୟ ... ହୋଇ ପାରିବ ।

ଫସ୍‌ଫେଟ ସାର ଉତ୍ପାଦନ ମଧ୍ୟ କ୍ରମାଗତ ... ପାଉଛି । ୧୯୫୧-୫୨ରେ ୯,୦୦୦ ମେଟ୍ରିକ ... ଫସ୍‌ଫେଟ ଉତ୍ପାଦିତ ହୋଇଥିବା ସ୍ଥଳେ ୧୯୬... ବେଳକୁ ଉତ୍ପାଦନ ପରିମାଣ ୨ଲକ୍ଷ ମେଟ୍ରିକ ... ବୃଦ୍ଧି ପାଇଥିଲା । ଚତୁର୍ଥ ଯୋଜନା କା... ଉତ୍ପାଦନ ଆହୁରି ବୃଦ୍ଧି ପାଇବ । ଫସଲ ଉ... ବଢ଼ାଇବା ନିମନ୍ତେ କୃଷକମାନେ ଏହା ଫଳରେ ... ଶସ୍ତା ଓ ସୁବିଧାରେ ସାର ପାଇ ପାରିବେ ।

## ଲୁଗାସୂତା

ମନୁଷ୍ୟର ଅତ୍ୟାବଶ୍ୟକ ସାମଗ୍ରୀ ହେଲା ଖାଦ୍ୟ ଓ ବସ୍ତ୍ର । ଭାରତରେ ବସ୍ତ୍ର ଶିଳ୍ପ ଅବଶ୍ୟ ନୂଆ ନୁହେଁ, କିନ୍ତୁ ଗତ ତିନୋଟି ଯୋଜନାରେ ଏହାର ଯଥେଷ୍ଟ ସଂପ୍ରସାରଣ ହୋଇଛି ।

ଆମ ଦେଶରେ କଳ ଲୁଗା ଶିଳ୍ପ ୧୦୦ ବର୍ଷରୁ ଅଧିକ କାଳ ହେଲା ଚାଲି ଆସିଛି । ଦେଶରେ ଏବେ ଏହା ଏକ ମୁଖିଆ ଶିଳ୍ପ ହୋଇ ରହିଛି । ଦ୍ୱିତୀୟ ବିଶ୍ୱଯୁଦ୍ଧ ପୂର୍ବରୁ ଭାରତରେ ୩୮୯ଟି କଳଲୁଗା କାରଖାନା ପ୍ରାୟ ୧କୋଟି ତାକୁଡ଼ି ଓ ୨ଲକ୍ଷ ତନ୍ତ ରହିଥିଲା । ୧୯୬୮ ସୁଦ୍ଧା ଲୁଗାକଳ ସଂଖ୍ୟା ୫୩୭ (୨୪୬ଟି ସୂତାକଳ ଓ ୨୯୧ଟି ଲୁଗା ଓ ସୂତାକଳ)କୁ ବୃଦ୍ଧି ପାଇଥିଲା । ପ୍ରଥମ ଯୋଜନା ଆରମ୍ଭରେ ଏ ଦେଶରେ ୩,୭୨୦ ନିୟୁତ ଗଜ କପଡ଼ା ତିଆରି ହେଉଥିବା ସ୍ଥଳେ ତୃତୀୟ ଯୋଜନା ଶେଷ ବେଳକୁ ତାର ପରିମାଣ ୫,୫୦୦ ନିୟୁତ ଗଜକୁ ବୃଦ୍ଧି ପାଇଥିଲା । ଚତୁର୍ଥ ଯୋଜନାରେ ବାର୍ଷିକ ୩୦୦ ନିୟୁତ ଗଜ ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି ।

## ପଶମ ବସ୍ତ୍ର

ଭାରତର ପଶମ ଶିଳ୍ପ ଏକ ସୁସଂଗଠିତ ଭିତ୍ତିରେ ଗତ ୯୦ ବର୍ଷ ହେଲା ଚାଲିଆସିଥିଲେ ବି ଏହାର ସଂପ୍ରସାରଣ ବିଶେଷଭାବେ ସ୍ୱାଧୀନତା ପରେ ହିଁ ଘଟିଛି । ୧୯୫୪ ମସିହାରେ ପଶମ ବସ୍ତ୍ର ଉତ୍ପାଦନ ପାଇଁ ୬୧ଟି କାରଖାନା ଥିଲା । ବର୍ତ୍ତମାନ ଏ ଦେଶରେ ୫୦,୦୦୦ରୁ ଅଧିକ ପଶମ ତାକୁଡ଼ି, ୧,୪୦,୦୦୦ରୁ ଅଧିକ ଖାଦ ପଶମ ତାକୁଡ଼ି, ୧୬,୦୦୦ରୁ ଅଧିକ ମଇଳା ପଶମ ତାକୁଡ଼ି ରହିଛି । ଏତଦ୍ଭ କସମ ପଶମର ସୂତା ୧୯୬୩ରେ ୨ନିୟୁତ କିଲୋଗ୍ରାମରୁ ଅଧିକ ଉତ୍ପାଦିତ ହୋଇଥିଲା ।

## କୃତ୍ରିମ ରେଶମ

ଭାରତରେ କୃତ୍ରିମ ରେଶମ ତିଆରି ଶିଳ୍ପ ଅପେକ୍ଷାକୃତ ଅଳ୍ପ ଦିନର । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ଏହାର କ୍ଷିପ୍ର ଅଭିବୃଦ୍ଧି ଘଟିଛି । ଭାରତରେ ବାର୍ଷିକ ୪୩ ନିୟୁତ ପାଉଣ୍ଡ କୃତ୍ରିମ ରେଶମ ସୂତା ତିଆରିର ବ୍ୟବସ୍ଥା ଅଛି । ଭାରତର ଆଭ୍ୟନ୍ତରୀଣ ଚାହିଦା ମେଣ୍ଟାଇବା ନିମନ୍ତେ ଏହାର ପରିମାଣ ୧୦୦ ନିୟୁତ ପାଉଣ୍ଡକୁ ବୃଦ୍ଧି କରିବାର ପ୍ରସ୍ତାବ ରହିଛି ।

## ଝୋଟ

ବୈଦେଶିକ ବିନିମୟ ଅର୍ଜନ କରିବା ଦିଗରେ ଆମର ଝୋଟ ଶିଳ୍ପର ସ୍ଥାନ ସର୍ବପ୍ରଥମ । ୧୦୦ ବର୍ଷର ପୁରୁଣା ଏହି ଶିଳ୍ପର ବିଶେଷ ଅଭିବୃଦ୍ଧି ଘଟିଛି । ବର୍ତ୍ତମାନ ଏ ଦେଶରେ ୭୨,୨୮୧ ତନ୍ତ ବିଶିଷ୍ଟ ୧୧୨ ଟି ଝୋଟକଳ (ଚଟକଳ) ରହିଛି ଏବଂ ପୃଥିବୀରେ ଥିବା ତନ୍ତ ସଂଖ୍ୟାର ଏହା ହେଉଛି ପ୍ରାୟ ଶତକଡ଼ା ୫୩ ଭାଗ । ଆମ ଦେଶରୁ ବର୍ଷକୁ ପ୍ରାୟ ୧୭୦ କୋଟି ଟଙ୍କା ମୂଲ୍ୟର ଝୋଟ-ଦ୍ରବ୍ୟ ଉତ୍ପାଦିତ ହୁଏ । ତୃତୀୟ ଯୋଜନାରେ ୧୩ ଲକ୍ଷ ମେଟ୍ରିକ ଟନ ଝୋଟ ଦ୍ରବ୍ୟ ତିଆରି ପାଇଁ ଲକ୍ଷ୍ୟ ରଖାଯାଇଥିଲା ; କିନ୍ତୁ ପ୍ରକୃତ ଉତ୍ପାଦନ ୧୩'୫୪ ମେଟ୍ରିକ୍ ଟନ୍ ହୋଇଥିଲା । ଚତୁର୍ଥ ଯୋଜନାକାଳରେ ବର୍ଷକୁ ୧୭ ଲକ୍ଷ ମେଟ୍ରିକ୍ ଟନ୍ ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି । ଏଥିରୁ ୧୧ ଲକ୍ଷ ମେଟ୍ରିକ୍ ଟନ୍ ବିଦେଶକୁ ରପ୍ତାନି କରାଯିବ ।

## ସିମେଣ୍ଟ ଉତ୍ପାଦନ

ସ୍ୱାଧୀନତା ପୂର୍ବରୁ ଭାରତରେ ୨୩ଟି ସିମେଣ୍ଟ କାରଖାନା ଥିଲା ଓ ସେଥିରୁ ବର୍ଷକୁ ୧୫ଲକ୍ଷ ମେଟ୍ରିକ୍ ଟନ୍ ସିମେଣ୍ଟ ଉତ୍ପାଦିତ ହେଉଥିଲା । ୧୯୬୪-୬୫ ସୁଦ୍ଧା ସିମେଣ୍ଟ କାରଖାନାଗୁଡ଼ିକର ସଂଖ୍ୟା ୩୭କୁ

ବୃଦ୍ଧି ପାଇଥିଲା । ୧୯୫୦-୫୧ରେ ୨୭ ଲକ୍ଷ ମେଟ୍ରିକ୍ ଟନ୍ ସିମେଣ୍ଟ ଉତ୍ପାଦିତ ହୋଇଥିବା ସ୍ଥଳେ ୧୯୬୫-୬୬ରେ ୧୦୮ ଲକ୍ଷ ମେଟ୍ରିକ୍ ଟନ୍ ହୋଇ-ଥିଲା । ଚତୁର୍ଥ ଯୋଜନାକାଳରେ ବାର୍ଷିକ ୨୦୦ ଲକ୍ଷ ମେଟ୍ରିକ୍ ଟନ୍ ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି ।

## କାରଖାନା ଯନ୍ତ୍ରପାତି ଉତ୍ପାଦନ

ପ୍ରଥମ ଯୋଜନାକାଳରେ ଶିଳ୍ପ ଉନ୍ନୟନ ପାଇଁ ଆବଶ୍ୟକ ପଡ଼ୁଥିବା ଯନ୍ତ୍ରପାତି ଓ କଳକବ୍ଜା ପାଇଁ ଭାରତକୁ ପୂରାପୂରି ବୈଦେଶିକ ଆମଦାନୀ ଉପରେ ନିର୍ଭର କରିବାକୁ ପଡ଼ୁଥିଲା । ଦ୍ୱିତୀୟ ଓ ତୃତୀୟ ଯୋଜନାକାଳରେ ଏହି ନିର୍ଭରଶୀଳତା ଉତ୍ତରୋତ୍ତର ହ୍ରାସ ପାଇଛି । ଦେଶରେ ଥିବା କାରଖାନାରୁ ଲୁହା ଓ ଇସ୍ପାତ ଅଧିକରୁ ଅଧିକ ମିଳିବା ଫଳରେ ଚିନି, ବସ୍ତ୍ର, ସିମେଣ୍ଟ, ଔଷଧ ଓ ଭେଷଜ, ସୂତା, କୋଇଲା ଖଣି, ମଟରଗାଡ଼ି ଅଟୋମୋବାଇଲ ବିଦ୍ୟୁତ୍ ଓ ହାଲ୍‌କା କାରଖାନା-ଯନ୍ତ୍ରପାତି ବର୍ତ୍ତମାନ ଦେଶରେ ବର୍ଷକୁ ୩୦୦ କୋଟି ଟଙ୍କା ମୂଲ୍ୟର ତିଆରି ହେଉଛି ।

## ବିଦ୍ୟୁତ୍ ଉତ୍ପାଦନ

କେଉଁ ଦେଶ କେତେ ଉନ୍ନତ ତାହା ସେହି ଦେଶର ବିଦ୍ୟୁତ୍-ଉତ୍ପାଦନ ଓ ବିଦ୍ୟୁତ୍-ବ୍ୟବହାର ସୂଚୀରୁ ନିଶ୍ଚିତ ଭାବେ ଜଣାପଡ଼େ । ୧୯୪୭ରେ ଆମଦେଶରେ ୧.୪ ନିୟୁତ କିଲୋଓ୍ୱାଟ୍ ବିଦ୍ୟୁତ୍ ଉତ୍ପାଦନର ବ୍ୟବସ୍ଥା ଥିଲା । ଏବେ ୧୦ ନିୟୁତ କିଲୋଓ୍ୱାଟ୍‌ରୁ ଅଧିକ ବିଦ୍ୟୁତ୍ ଉତ୍ପାଦନ କରିପାରୁଛୁଁ । ୧୯୫୧ରେ ମୁଣ୍ଡପିଛା ବିଦ୍ୟୁତ୍ ବ୍ୟବହାର ଥିଲା ୧୩ କିଲୋଓ୍ୱାଟ୍ ଘଣ୍ଟା, ବର୍ତ୍ତମାନ ତାହା ୫୦ କିଲୋଓ୍ୱାଟ୍ ଘଣ୍ଟାକୁ ବୃଦ୍ଧି ପାଇଅଛି



## ଗ୍ରାମାଂଚଳରେ ବିଦ୍ୟୁତ୍ ସରବରାହ

ବର୍ତ୍ତମାନ ସୁଦ୍ଧା ୫,୦୦୦ରୁ ଅଧିକ ସ... ପ୍ରତ୍ୟେକ ସହର ଓ ଗାଁଆଁକୁ ବିଦ୍ୟୁତ୍ ସ... କରାଗଲାଣି । ଏଭଳି ସହର ଓ ଗ୍ରାମର ... ୧୯୪୭ରେ ୪,୦୦୦ ଥିବା ସ୍ଥଳେ ବର୍ତ୍ତମାନ ୫୫,୦୦୦ ହେଲାଣି ।

ଗାଁ ଗହଳରେ ନଳକୂଅ, ଦମ୍‌କଳ ତଥା ସୂ... ଲୁଗାବୁଣା, ଆଖୁପେଡ଼ା, ଘଣା ଓ କାଠକଟା ... କୁଟୀର ଶିଳ୍ପ ଚଳାଇବାପାଇଁ ବିଦ୍ୟୁତ୍ ଯୋ... ଦିଆଯାଉଛି ।

## ଓଜନଦାର ବିଦ୍ୟୁତ୍ ଯନ୍ତ୍ରପାତି

ଉତ୍ପାଦନ ଓ ସରବରାହ ପାଇଁ ଆବଶ୍ୟକ ପ୍ର... ଯନ୍ତ୍ରପାତି ମଧ୍ୟ ଆମେ ଦେଶ ଭିତରେ ... କରୁଛୁଁ । ଭୋପାଳଠାରେ ପ୍ରତିଷ୍ଠିତ ଓଜ... ବିଦ୍ୟୁତ୍ ଯନ୍ତ୍ରପାତି କାରଖାନା ଏ ଦିଗରେ ... ପଦକ୍ଷେପ । ୧୯୬୦ରେ ଏଥିରୁ ଉତ୍ପାଦନ ଆ... ହେଲା । ଏଠାରେ ଟର୍‌ବାଇନ୍, ଟ୍ରାନ୍‌ସଫର୍... କନ୍‌ଟ୍ରୋଲ ଗିଅର, ସୁଇଚ୍ ଗିଅର, ... ବଏଲର, ଇଲେକ୍‌ଟ୍ରିକ୍ ମୋଟର, ଟ୍ରା... ଇକୁଇପ୍‌ମେଣ୍ଟ ଇତ୍ୟାଦି ତିଆରି ହୁଏ । ଭରୁ... ଏହିଭଳି ଗୋଟିଏ କାରଖାନା ସ୍ଥାପିତ ହୋଇଛି ... ହରଦ୍ୱାର ଓ ରାମଚନ୍ଦ୍ରପୁରମ୍ (ହାଇଦରାବାଦ)... ଆଉ ଦୁଇଟି କାରଖାନା ନିର୍ମାଣ କରାଯାଉଛି ।

## ଲଘୁ ବିଦ୍ୟୁତ୍ ଶିଳ୍ପ

ଓଜନଦାର ବିଦ୍ୟୁତ୍ ଯନ୍ତ୍ରପାତି ସଙ୍ଗେ ... ଆମଦେଶରେ ବର୍ତ୍ତମାନ ବିଜୁଳିବତି, ଫ୍ଲୋରେ... ଟ୍ୟୁବ୍, ଶୀତ ତାପ ନିୟନ୍ତ୍ରକ ଯନ୍ତ୍ର (ଏଆର କଣ୍ଡିସ... ଶୀତଳୀକରଣ ଯନ୍ତ୍ର (ରେଫ୍ରିଜେରେଟର), ଜଳ ... କରିବା ଯନ୍ତ୍ର (ଓ୍ୱାଟରକୁଲର) କଲଚୁଲି, ...

ସର୍ଭିସ୍ ମିଟର ଇତ୍ୟାଦି ହାଲୁକା ଉପକରଣମାନ ତିଆରି କରାଯାଉଛି ।

## ଜଳକବ୍ଜା ନିର୍ମାଣ ପାଇଁ ଯନ୍ତ୍ରପାତି (ମେସିନ୍‌ଟୁଲସ)

ବିଭିନ୍ନ ପ୍ରକାର କଳକବ୍ଜା ତିଆରି କରିବାପାଇଁ ଯେଉଁସବୁ ଯନ୍ତ୍ରପାତି (ଟୁଲ୍‌ସ) ଦରକାର ତାହା ଏ' ଦେଶରେ ତିଆରି କରିବା ଦିଗରେ ୧୯୬୦-୬୧ରୁ କାର୍ଯ୍ୟ ଚାଲିଛି । ବର୍ତ୍ତମାନ ବାଙ୍ଗାଲୋର ନିକଟସ୍ଥ ଜାଲାହଳି, ବାଙ୍ଗାଲୋର, ପିଞ୍ଜୋର (ପଞ୍ଜାବ) ଅମରନାଥ, କଲାମାସେରି (କେରଳ), ସନତ୍ ନଗର (ହାଇଦରାବାଦ)ରେ ଏଭଳି ଯନ୍ତ୍ରପାତି ତିଆରି ହେଉଛି । ବାଙ୍ଗାଲୋରରେ ହାତକଣ୍ଟା ଘଡ଼ି ତିଆରି ପାଇଁ ଗୋଟିଏ କାରଖାନା ଅଛି । ୧୯୬୫-୬୬ରେ ସେଠାରେ ୧,୯୭,୧୮୦ ଘଡ଼ି ତିଆରି ହୋଇଥିଲା । ଚଳିତ ଆର୍ଥିକ ବର୍ଷ ମଧ୍ୟରେ ଏହାର ଉତ୍ପାଦନ ୨,୪୦,୦୦୦କୁ ବୃଦ୍ଧି ପାଇବ ବୋଲି ଆଶା କରାଯାଏ ।

## ବିଦ୍ୟୁତ୍ ଶକ୍ତି ବିନିଯୋଗ

### ମୁଣ୍ଡପିଛା ଛଅଗୁଣ ବଢ଼ିଛି

ତିନୋଟି ଯୋଜନା କାଳରେ ବିଦ୍ୟୁତ୍ ଶକ୍ତି ବିନିଯୋଗ ମୁଣ୍ଡପିଛା ଛଅଗୁଣ ବୃଦ୍ଧି ପାଇଛି ବୋଲି ଜଣାଯାଇଛି । ପ୍ରଥମ ଯୋଜନା ପ୍ରାରମ୍ଭରେ ମୁଣ୍ଡପିଛା ବିଦ୍ୟୁତ୍ ଶକ୍ତି ବିନିଯୋଗ ୧୦.୧ କିଲୋ ୱାଟ ଘଣ୍ଟା ଥିଲା । ତୃତୀୟ ଯୋଜନା ଶେଷରେ ଏହି ପରିମାଣ ବୃଦ୍ଧି ପାଇ ୬୪ କିଲୋ ୱାଟ ଘଣ୍ଟା ହୋଇଛି ।

ଦେଶରେ ବିଦ୍ୟୁତ ଉତ୍ପାଦନ କ୍ଷମତା ମଧ୍ୟ ବୃଦ୍ଧି ପାଇଛି । ୧୯୫୦ରେ ୨.୩୦ ନିୟୁତ କିଲୋ ୱାଟ ବିଦ୍ୟୁତ୍ ଶକ୍ତି ଉତ୍ପାଦିତ ହୋଇଥିଲା ବେଳେ ୧୯୬୬ରେ ୧୦.୧୭ ନିୟୁତ କିଲୋ ୱାଟ ହୋଇଛି । ବିଦ୍ୟୁତ ଯୋଗାଣ ଲାଇନ ମଧ୍ୟ ଦେଶରେ ବୃଦ୍ଧି ପାଇଛି ।

ବିଦ୍ୟୁତ୍ ଯୋଗାଣ ଶିଳ୍ପରେ ମୂଳଧନ ଅର୍ଥ ଲଗାଣ ଏହି ସମୟ ମଧ୍ୟରେ ୧୨ ଗୁଣ ବୃଦ୍ଧି ପାଇଛି । ୧୯୫୦ରେ ଏହି ପରିମାଣ ୧୯୦ କୋଟି ଟଙ୍କା ଥିଲା ବେଳେ ୧୯୬୫-୬୬ରେ ୨୨.୪ କୋଟି ଟଙ୍କା ହୋଇଛି ।

ତୃତୀୟ ଯୋଜନା କାଳରେ ୧୦.୧୭ ନିୟୁତ କିଲୋ ୱାଟ ବିଦ୍ୟୁତ ଶକ୍ତି ଉତ୍ପାଦିତ ହୋଇଛି । ନିର୍ଦ୍ଧାରିତ ଲକ୍ଷ୍ୟଠାରୁ ଏହା ୨.୫୨ ନିୟୁତ କିଲୋ ୱାଟ କମ୍ ।

୧୯୬୭-୬୮ରେ ୨.୩୪ ନିୟୁତ କିଲୋ ୱାଟ ଉତ୍ପାଦନ ଶକ୍ତିସଂପନ୍ନ ବିଦ୍ୟୁତ କେନ୍ଦ୍ର କାର୍ଯ୍ୟକାରୀ ହେବ ବୋଲି ଆଶା କରାଯାଏ ।

# କାଶ୍ମୀରର ଐତିହ୍ୟ—ଧର୍ମ ନିରପେକ୍ଷତା

ସୁରମ୍ୟ ପ୍ରାକୃତିକ ପରିବେଶ ହିଁ ଭାରତକୁ ଯଥାର୍ଥ ଭୂସ୍ୱର୍ଗରେ ପରିଣତ କରିଛି । କିନ୍ତୁ ଦୁର୍ଭାଗ୍ୟର କଥା ଯେ ଗତ ୬୦ ବର୍ଷ ମଧ୍ୟରେ ଏହି ଭୂସ୍ୱର୍ଗ ତିନିଥର ବିଦେଶୀ ଆକ୍ରମଣର ଶିକାର ହୋଇଛି—ଦୁଇଥର ପାକିସ୍ତାନ ଦ୍ୱାରା ଓ ଥରେ ଚୀନ ଦ୍ୱାରା । ମୁସଲମାନ, ହିନ୍ଦୁ, ଶିଖ ଓ ବୌଦ୍ଧ ପ୍ରଭୃତି ସମସ୍ତେ କାନ୍ଧକୁ କାନ୍ଧ ମିଶାଇ ପ୍ରତ୍ୟେକ ଥର ଆକ୍ରମଣକାରୀଙ୍କୁ ବାଧା ଦେଇଛନ୍ତି ।

ଆକ୍ରମଣ ବିରୁଦ୍ଧରେ କାଶ୍ମୀରର ଲୋକଙ୍କ ଆ... ଏ ଯେଉଁ ସ୍ୱତଃସ୍ଫୂର୍ତ୍ତ ଉନ୍ମାଦନା ପ୍ରକାଶ ପାଇଥିଲା ସେଥିରେ କାଶ୍ମୀରର ବନ୍ଧୁମାନେ ଆନନ୍ଦ ପ୍ରକାଶ କରିଛନ୍ତି ଯେତିକି ଶତ୍ରୁମାନେ ବିସ୍ମିତ ହୋଇଛନ୍ତି ସେତିକି । ରାଜ୍ୟର ଲୋକମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ମୁସଲମାନ । ୧୯୪୭ରେ ପାକିସ୍ତାନ ପ୍ରଥମେ ଆକ୍ରମଣ କଲାବେଳେ ସେମାନେ ସେ ତା' ବିରୁଦ୍ଧରେ ସଂଗ୍ରାମ ଚଳାଇଥିଲେ ଓ ୧୮ ବର୍ଷ ପରେ ୧୯୬୫ରେ ସେତେବେଳେ ପାକିସ୍ତାନ ସେମାନଙ୍କ ଶାନ୍ତିପୂର୍ଣ୍ଣ ମାତୃଭୂମି ଉପରେ ମାସବ୍ୟାପକ ଆକ୍ରମଣ ଚଳାଇଲା ସେତେବେଳେ ପୁଣି ଥରେ ସେ ସେମାନେ ଆକ୍ରମଣକାରୀ ବିରୁଦ୍ଧରେ ଯୁଦ୍ଧ ଚଳାଇ ସେମାନଙ୍କୁ ହଟାଇ ଦେଲେ ଏଥିରେ ଅନେକ ବିସ୍ମିତ ହୋଇଥିବା ସ୍ୱାଭାବିକ ।

କାଶ୍ମୀରର ଇତିହାସ ଓ ସଂସ୍କୃତି ଦୃଷ୍ଟିରୁ ଏ ବିଷୟର ବିଚାର କଲେ ବାହାର ଆକ୍ରମଣ ବିରୁଦ୍ଧରେ କାଶ୍ମୀରବାସୀଙ୍କ ସ୍ୱତନ୍ତ୍ରତା ସମ୍ବନ୍ଧରେ ବୁଝି ଯାଇପାରେ ।



କାଶ୍ମୀରର ଜନସାଧାରଣ ନିଜ ନିଜର ବିଶ୍ୱାସରେ ଏକାନ୍ତ ଆସ୍ଥାବାନ ହୋଇଥିଲେ ସେମାନେ କେବେ ହେଲେ ଧର୍ମମତ ନେଇ ଭାଗ ହେବାକୁ ଯାଇନାହାନ୍ତି । ବରଂ ସେମ... ନିଜକୁ ଗୋଟିଏ ପରିବାରର ଲୋକ ବୋଲି ମ... କରନ୍ତି । କାଶ୍ମୀର ଉପତ୍ୟକାର ସୁଦୂର ଗାଁ ଗ... ଥିବା ଲୋକେ ଅନ୍ୟମାନଙ୍କୁ ବିଶ୍ୱାସରେ କହିଥା... "ଆଦାମ୍‌ଙ୍କର ଦୁଇଟି ସନ୍ତାନ ଥିଲେ ଜଣେ (ହି... ଶ୍ମଶାନକୁ ବାଛି ଥିଲେ ଓ ଅନ୍ୟ ଜଣଙ୍କ (ମୁସଲମା... କବରଖାନାକୁ ବାଛିଥିଲେ" । ଭ୍ରାତୃତ୍ୱ ଓ ... ବଂଶାନୁକ୍ରମର ଧାରଣା କିପରି ତାଙ୍କର ସ୍ୱଭା... ଗାନ୍ଥି ହୋଇ ରହିଛି ତାହା ଏଥିରୁ ଜଣାପଡ଼େ... ଏହା ଫଳରେ ଆସିଛି ହୃଦୟସ୍ପର୍ଶୀ ବ... ଓ ଏକପ୍ରାଣତା—ଯାହାକି ଗତ ତିନୋଟି ବ... ଆକ୍ରମଣବେଳେ ଆଶ୍ଚର୍ଯ୍ୟଜନକ ଭାବେ ଆତ୍ମପ୍ରକା... କରିଛି ।

## ଧର୍ମ ନିରପେକ୍ଷ ପରଂପରା

କାଶ୍ମୀରର ଧର୍ମ ନିରପେକ୍ଷ ପରଂପରା ସେ... ସୁଦୂର ଅତୀତରୁ ରହି ଆସିଛି । ଇତିହାସ... ପ୍ରାକ୍‌କାଳରେ ସମ୍ରାଟ ଅଶୋକଙ୍କ ଏହି ପରଂପରା... ମୂଳଦୁଆ ପକାଇ ଥିଲେ । ସମସ୍ତେ ଜାଣନ୍ତି ... ଅଶୋକ ଅନ୍ୟର ଧର୍ମକୁ ନିଜର ଧର୍ମ ଭଳି ସ... ଦେବା ଉଚିତ ବୋଲି ବିଶ୍ୱାସ କରୁଥିଲେ । ସେ... ସେ ଯୁଗରେ କାଶ୍ମୀରରେ ଚାଲିଥିବା ଶୈବ ଧର୍ମ... ନାଗ ଦେବତା ପୂଜା ଉପରେ ହସ୍ତକ୍ଷେପ କରାଯା... ନଥିଲା । ବସ୍ତୁତଃ ଏପ୍ରକାର ପୂଜାପ୍ରତି ଅଶୋକଙ୍କ ସହାନୁଭୂତି ପ୍ରକାଶ ପାଇଥିଲା ।

## ଅଶୋକଙ୍କ ଅବଦାନ

ଜଣେ ନିଷ୍ଠାପର ବୌଦ୍ଧ ଧର୍ମାବଲମ୍ବୀ ଭାବେ ଅଶୋକ ବହୁ ସଂଖ୍ୟକ ସ୍ତୁପ ଓ ଚୈତ୍ୟ ନିର୍ମାଣ କରାଇଥିଲେ । କିନ୍ତୁ ଯେଉଁମାନେ ପାରଂପାରିକ ଶୈବ ଧର୍ମରେ ବିଶ୍ୱାସ କରୁଥିଲେ ସେମାନଙ୍କ କଲ୍ୟାଣ ପାଇଁ ସେ କେତେକ ଶିବ ମନ୍ଦିର ଗଢ଼ାଇଥିଲେ ଓ ଆଉ କେତେକ ମନ୍ଦିର ମରାମତି କରାଇଥିଲେ । ଏହି ଭାବରେ ଏହି ଦୁଇ ଧର୍ମର ସହାବସ୍ଥାନ ଯୋଗୁଁ ସାରା ରାଜ୍ୟର ହିତ ସାଧିତ ହୋଇଥିଲା ।

ସ୍ଥାନୀୟ ଧର୍ମ ବିଶ୍ୱାସ ପ୍ରତି ଏଠାରେ ବୌଦ୍ଧମାନେ ଯେଉଁଭଳି ସହନଶୀଳତା ଓ ସମ୍ମାନ ପ୍ରଦର୍ଶନ କରୁଥିଲେ ତାହା ସ୍ଥାନୀୟ ଧର୍ମାବଲମ୍ବୀମାନଙ୍କ ମନରେ ଏକ ଅନୁକୂଳ ପ୍ରତିକ୍ରିୟା ସୃଷ୍ଟି କରିଥିଲା । ତେଣୁ ଯେତେବେଳେ କୁଶାଣମାନଙ୍କ ପତନ ପରେ ପାରଂପାରିକ ପୂଜା ବିଧିର ପୁନରଭ୍ୟୁଦୟ ହେଲା ସେତେବେଳେ ହିନ୍ଦୁ ଦେବ ଦେବୀମାନଙ୍କ ମଧ୍ୟରେ ବୁଦ୍ଧଙ୍କୁ ଗୌରବମୟ ସ୍ଥାନ ଦିଆଯାଇଥିଲା । ତୃତୀୟ ଶତାବ୍ଦୀରେ ରଚିତ ସଂସ୍କୃତ ଗ୍ରନ୍ଥ 'ନୀଳମତ ପୁରାଣ'ରୁ ଆମେ ଜାଣୁ ଯେ ବୈଶାଖ ପୂର୍ଣ୍ଣିମା ଦିନ (ବୁଦ୍ଧ ପୂର୍ଣ୍ଣିମା) ବୁଦ୍ଧଙ୍କ ଜନ୍ମ ଦିବସ ବୌଦ୍ଧ ଚୈତ୍ୟ ଓ ହିନ୍ଦୁ ମନ୍ଦିରମାନଙ୍କରେ ଯଥାବିଧି ଅନୁଷ୍ଠିତ ହୋଇଥିଲା ଏବଂ ଏହି ଉପଲକ୍ଷେ ବୌଦ୍ଧ ଶ୍ରମଣମାନଙ୍କୁ ଖାଦ୍ୟପାଣି, ବସ୍ତ୍ର ଓ ଇତ୍ୟାଦି ଦାନ କରାଯାଉଥିଲା । ସବୁ ଶ୍ରେଣୀର ଲୋକେ ଗୀତ ବାଦ୍ୟ ଓ ନୃତ୍ୟାଦିରେ ଦିନଟି କଟାଉଥିଲେ ।

ଅଶୋକଙ୍କ ପରେ ଅନ୍ୟ ଯେଉଁ ସ୍ଥାନୀୟ ଶାସକମାନେ ରାଜପଣ କରିଥିଲେ ସେମାନେ ଅଶୋକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଅନ୍ୟ ଧର୍ମାବଲମ୍ବୀମାନଙ୍କ ପାଇଁ ମନ୍ଦିର ସ୍ତୂପ ପ୍ରତିଷ୍ଠା କରି ଜମିବାଡ଼ି ଖଂଜ ଦେଇଥିଲେ । ଲଳିତାଦିତ୍ୟ ଜଇନୁଲ ଆବିଦିନ୍‌ଙ୍କ ନାମ ଏମାନଙ୍କ ମଧ୍ୟରେ ସର୍ବାଧିକ ଉଲ୍ଲେଖଯୋଗ୍ୟ ।

## ଲଳିତାଦିତ୍ୟ ଯୁଗ

କାଶ୍ମୀରରେ ଯେତେ ହିନ୍ଦୁ ରାଜା ରାଜପଣ କରିଛନ୍ତି ସେମାନଙ୍କ ମଧ୍ୟରେ ଲଳିତାଦିତ୍ୟ ସର୍ବଶ୍ରେଷ୍ଠ । ଖ୍ରୀଷ୍ଟାବ୍ଦ ୭୨୦ ରୁ ୭୬୦ ପର୍ଯ୍ୟନ୍ତ ସେ ରାଜପଣ କରିଥିଲେ । ତାଙ୍କର ବିଜୟ ଗୌରବ ପୂର୍ବରେ ବଂଗ ପ୍ରଦେଶ ଠାରୁ ଉତ୍ତରରେ କେନ୍ଦ୍ର ଏସିଆର ମରୁଦେଶ ପର୍ଯ୍ୟନ୍ତ ବ୍ୟାପି ରହିଥିଲା । ବିଜିତ ରାଜ୍ୟମାନଙ୍କରୁ ବହୁ ଧନ, ରତ୍ନ ଓ ପ୍ରତିଭାବାନ ବ୍ୟକ୍ତିଙ୍କୁ ଆଣି ସେ ନିଜ ମାତୃଭୂମିର ସୌନ୍ଦର୍ଯ୍ୟ ଓ ଗୌରବ ବଢ଼ାଇଥିଲେ । ସେ ଥିଲେ ଅତି ଉଦାର ଓ ଅମାୟିକ । ସେ ସମୟରେ ଲୋକମାନଙ୍କ ମଧ୍ୟରେ ଚଳୁଥିବା ଦୁଇଟି ପ୍ରଧାନ ଧର୍ମ ଯଥା ହିନ୍ଦୁ ଧର୍ମ ଓ ବୌଦ୍ଧ ଧର୍ମ ପ୍ରତି ସେ ସମ୍ମାନ, ଶ୍ରଦ୍ଧା ଓ ଭକ୍ତି ପ୍ରଦର୍ଶନ କରୁଥିଲେ । ତାଙ୍କର ବୌଦ୍ଧ ପ୍ରଜାମାନଙ୍କ ହିତଲାଗି ସେ ମଗଧରୁ ଧାତୁ ନିର୍ମିତ ଏକ ବିରାଟ ବୁଦ୍ଧମୂର୍ତ୍ତି ଆଣି ନିଜ ରାଜଧାନୀରେ ପ୍ରତିଷ୍ଠା କରାଇଥିଲେ । ତାଙ୍କର ପ୍ରଧାନ ଅମାତ୍ୟ ଚୁଙ୍କୁନ ଓ ଅନ୍ୟ କେତେକ ମୁଖ୍ୟ କର୍ମଚାରୀ ବୌଦ୍ଧ ଧର୍ମାବଲମ୍ବୀ ଥିଲେ ।

## ସୁଲତାନ ଜଇନୁଲ ଆବିଦିନ୍‌ଙ୍କ ଅବଦାନ

ଜଇନୁଲ ଆବିଦିନ୍‌ଙ୍କ ମୁଖ୍ୟମନ୍ତ୍ରୀ ଥିଲେ ଜଣେ ବୌଦ୍ଧ । ତାଙ୍କର ନାମ ଥିଲା ତିଲକାଚାର୍ଯ୍ୟ । ଲଳିତାଦିତ୍ୟଙ୍କର ୭୦୦ ବର୍ଷ ପରେ ଏଠାରେ ଯେଉଁ ସୁଲତାନ ରାଜପଣ କରିଥିଲେ ସେଭଳି ମହତ୍ତମ ଶାସନ କାଶ୍ମୀରରେ ଆଉ କେବେ ଦେଖା ଦେଇନାହାନ୍ତି । ତାଙ୍କର ପୂର୍ବପୁରୁଷଙ୍କ ସମୟରେ କାଶ୍ମୀର ଉପତ୍ୟକାର ଅଣମୁସଲମାନଙ୍କ ଉପରେ ଯେଉଁସବୁ

ଅତ୍ୟାଚାରିତ ହୋଇଥିଲେ ତାହାର ଲାଘବ ଘଟାଇବା ପାଇଁ ସେ ବହୁତ କିଛି କରିଥିଲେ । ଶାସନ କ୍ଷେତ୍ରରେ ସେ କୌଣସି ପ୍ରକାର ଅସମାନତା ସହି ପାରୁ ନଥିଲେ ଓ ତାଙ୍କ ପୂର୍ବପୁରୁଷମାନଙ୍କ ଅମଳର ଭେଦଭାବମୂଳକ ଆଇନ ଓ ଶୋଷଣୀୟ ପ୍ରଥାଗୁଡ଼ିକୁ ଉଚ୍ଛେଦ କରିଥିଲେ । ପୂର୍ବରୁ ଯେଉଁସବୁ ଅଣମୁସଲମାନମାନେ ରାଜ୍ୟଛାଡ଼ି ପଳାଇ ଯାଇଥିଲେ, ସେମାନେ ଶାନ୍ତି ଓ ସହନଶୀଳତାର ଏଭଳି ଏକ ନୂତନ ବାତାବରଣ ଯୋଗୁଁ ପୁଣି ନିଜ ନିଜ ଘରକୁ ଫେରି ଆସିଲେ । ସେମାନଙ୍କ ପାଇଁ ମାଗଣା ଖାଦ୍ୟପେୟ ଦେବାର ବ୍ୟବସ୍ଥା ହେଲା ଏବଂ ସେମାନଙ୍କ ପିଲାମାନଙ୍କ ସକାଶେ ସ୍କୁଲମାନ ଖୋଲା ହେଲା । ସେମାନେ ଯେପରି ସେମାନଙ୍କ ପର୍ବପର୍ବାଣୀମାନ ଅବାଧରେ ଅନୁସରଣ କରିପାରିବେ ସେଥିରେ ସେମାନଙ୍କୁ ଉତ୍ସାହିତ କରିବା ପାଇଁ ରାଜା ନିଜେ ବିଖ୍ୟାତ ଅମରନାଥ ଗୁମ୍ଫା ସମେତ ଅନ୍ୟାନ୍ୟ ହିନ୍ଦୁ ତୀର୍ଥକୁ ଯାଉଥିଲେ ଏବଂ ବହୁ ମଠ ଓ ଆଶ୍ରମ ପ୍ରତିଷ୍ଠା କରାଇଥିଲେ । ସେ ଗୋ-ହତ୍ୟା ନିଷେଧ କରାଇଥିଲେ, ସୁରାପାନ କରୁ ନଥିଲେ ଓ ରମଜାନ ମାସରେ ମାଂସ ଖାଉ ନଥିଲେ । ହିନ୍ଦୁମାନଙ୍କ ଦୃଷ୍ଟିରେ ପବିତ୍ର କେତେକ ଝରଣା ଓ ନଦୀରୁ ମାଛ ବା ପକ୍ଷୀ ଶିକାରକୁ ସେ ନିଷିଦ୍ଧ କରିଥିଲେ । ଜଇନୁଲ ଆବେଦିନ ଜଣେ ନିଷ୍ଠାପର ମୁସଲମାନ ଥିଲେ ବି ସଂସ୍କୃତ ଭାଷାରେ ଅଗାଧ ଜ୍ଞାନାର୍ଜନ କରିଥିଲେ । ଶାସନ କାର୍ଯ୍ୟରୁ ଅବସର ପାଇବା ମାତ୍ରେ ସେ ସଂସ୍କୃତ ଶାସ୍ତ୍ର ବିଶେଷତଃ ଯୋଗବାଶିଷ୍ଠ ଅଧ୍ୟୟନ କରୁଥିଲେ । ନିଜର ସଂସ୍କୃତାନଭିଜ୍ଞ ପ୍ରଜାମାନଙ୍କ ଉଦ୍ଦେଶ୍ୟରେ ସେ ରାଜତରଙ୍ଗିଣୀ ପ୍ରଭୃତି ଗ୍ରନ୍ଥକୁ ପାରସି ଭାଷାରେ ତର୍ଜମା କରାଇଥିଲେ । ତାଙ୍କର ଏହି ଉଦାର ଓ ସହନଶୀଳ ନୀତି ଯୋଗୁଁ କାଶ୍ମୀରବାସୀମାନେ ତାଙ୍କୁ ଆଜି ପର୍ଯ୍ୟନ୍ତ ବାଦଶା ମହାରାଜ ବୋଲି ମନେ ପକାଉଛନ୍ତି ।

## ଗଣଜୀବନରେ ଧର୍ମ ନିରପେକ୍ଷ ଆଭିମୁଖ ପ୍ରଭାବ

ପରସ୍ପରର ଧର୍ମ ଓ ଚଳଣି ପ୍ରତି ସମ୍ମାନ ସହନଶୀଳତା ଦେଖାଇବା ଯେ କେବଳ ରାଜା ରାଜପୁରୁଷମାନଙ୍କ ମଧ୍ୟରେ ସୀମାବଦ୍ଧ ଥିଲା ତାହାନୁ ସାଧାରଣ ଜନତାଙ୍କ ମଧ୍ୟରେ ବି ଏହା ଦେ ଯାଉଥିଲା ଓ ସେମାନଙ୍କ ଦୈନନ୍ଦିନ ଜୀବନ ପ୍ରତିଫଳିତ ହେଉଥିଲା । କାଶ୍ମୀରର ସାଧାର ହିନ୍ଦୁ, ମୁସଲମାନ ଓ ଶିଖଙ୍କ ସାମାଜିକ ଓ ସାଂସ୍କୃ ଜୀବନରେ ଯେଉଁ ସୁସଂହତ ପରିଲକ୍ଷିତ ହୁଏ ତା ଏହି ସହନଶୀଳତାର ଫଳ । ସେଇଥିପାଇଁ ଅ ଆମ୍ଭେମାନେ ଦେଖୁଁ କାଶ୍ମୀରର ପାହାଡ଼ ପର୍ବ ଖୋଲରେ ହିନ୍ଦୁ ଦେବ ମନ୍ଦିର ପାଖେ ପାଖେ ମୁସଲମାନମାନଙ୍କ ମସଜିଦ ମଧ୍ୟ ରହିଛି, ହିନ୍ଦୁମାନଙ୍କ ଘରବାରରେ ପିଲାମାନଙ୍କୁ ସ୍ତନ୍ୟ ଦେବାପାଇଁ ମୁସଲମାନ ସ୍ତନ୍ୟଦାତ୍ରୀ ନିଯୁକ୍ତ ରହିଛନ୍ତି ଏବଂ ମୁସଲମାନମାନଙ୍କ ସମାଧି ଉପରେ ଥିବା ସ୍ମୃତିପ୍ରସ୍ତରରେ ସଂସ୍କୃତ ଭାଷାର ପରିଚିତ ଉଲ୍ଲେଖ କରାଯାଇଛି । ଆଜିମଧ୍ୟ କାଶ୍ମୀରର ହିନ୍ଦୁ ଓ ମୁସଲମାନ ଉଭୟ ସମ୍ପ୍ରଦାୟର ଲୋକେ ଉଭୟ ସଂପ୍ରଦାୟର ସାଧୁ ସନ୍ନ୍ୟାସୀ ଓ ପୀରପାଗମ୍ବରଙ୍କୁ ସମାନ ଭାବରେ ଭକ୍ତି ଜ୍ଞାପନ କରୁଛନ୍ତି । ସେହିପରି କାଶ୍ମୀରର ମୁସଲମାନ ମାନେ ସେଠିକାର ସାଧୁ ଓ ଦାର୍ଶନିକ ଲଲ୍ଲେ ଯୋଗେଶ୍ୱରୀଙ୍କୁ 'ଲଲ ମାଈ' ବୋଲି କହନ୍ତି ଏବଂ ହିନ୍ଦୁମାନେ ମୁସଲମାନମାନଙ୍କ ଫକିର ଶେଖ ନୁରୁଦ୍ଦିନଙ୍କୁ ନନ୍ଦଋଷି ନାମରେ ଡାକନ୍ତି । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଏପରିକି ଏବେବି କାଶ୍ମୀରର କେତେକ ଅଞ୍ଚଳରେ ମୁସଲମାନମାନେ ହିନ୍ଦୁ ମୁନିଋଷିଙ୍କ ସ୍ମୃତି ବାର୍ଷିକୀ ଅର୍ଥାତ୍ ଉତିମୋର ଦିବସରେ ମାଂସ ଖାଆନ୍ତି ନାହିଁ ।

ଧର୍ମନିରପେକ୍ଷତାର ଏହି ପରମ୍ପରାକୁ କାଶ୍ମୀରର ମୁନିଋଷିମାନେ ସର୍ବଦା ଜାଗରୂକ ରଖିଆସିଛନ୍ତି ।

ଙ୍କମାନେ ଯୁଗଯୁଗ ଧରି ଭକ୍ତମାନଙ୍କ ମନରେ ସର୍ବଧର୍ମ ସମନ୍ୱୟର ମୌଳିକ ମାର୍ଗ ଓ ନୈତିକ ଜୀବନଯାପନ ଉପରେ ଗୁରୁତ୍ୱ ଦେଇ ଆସିଛନ୍ତି । ଲଲ୍ଲ ଯୋଗେଶ୍ୱରୀ ଓ ଶେଖନୁରୁଦ୍ଦିନ ପ୍ରଭୃତି ସାଧକ ଓ କବିମାନଙ୍କ ନେତୃତ୍ୱ ଏ ଦିଗରେ ଉଲ୍ଲେଖଯୋଗ୍ୟ କାର୍ଯ୍ୟ କରିଥିଲା ।

## ବର୍ତ୍ତମାନଯୁଗର ପରମ୍ପରା

କାଶ୍ମୀରର କବି ଓ ଲେଖକମାନେ ଯୁଗେ ଯୁଗେ ଏହି ପରମ୍ପରାକୁ ବଜାଇ ରଖି ଆସିଛନ୍ତି । ଶେଖ୍-ସ୍ୱାଲୁହ୍ ରଫି ନାମକ ଜଣେ କବି ଲେଖିଥିଲେ 'କୋଟି କୋଟି ହୃଦୟ ଦର୍ପଣରେ ଗୋଟିଏ ମାତ୍ର ମୂର୍ତ୍ତି ଜାଜ୍ୱଲ୍ୟମାନ' । ଅବଦୁଲ୍ ଆହେବ୍ ନାମକ ଜଣେ ଆଧୁନିକ ଯୁଗର କବି ଗାଇଛନ୍ତି 'ମଶାଲର ଆଲୋକ ହିନ୍ଦୁ ଓ ମୁସଲମାନ ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ । ମୋ ଆଖିରେ ହିନ୍ଦୁ ଓ ମୁସଲମାନ ଉଭୟେ ସମାନ । ସତ୍ୟକୁ ମୋର ଦୀନ୍—ଏକତାହିଁ ମୋର ଧର୍ମ' ।

ଗୁଲାମ ଅହମଦ ନାଜ୍ ର ମଧ୍ୟ କାଶ୍ମୀରମାନଙ୍କ ଏକ ସାଧାରଣ ଐତିହ୍ୟକୁ ଲକ୍ଷ୍ୟକରି ଲେଖିଛନ୍ତି, ହିନ୍ଦୁମାନେ ଧରିଛନ୍ତି ମଙ୍ଗ ଓ ମୁସଲମାନମାନେ ଧରିଛନ୍ତି ଅହୁଲ । ଦୁହେଁ ମିଳିମିଶି ଏ ଦେଶର ନୌକାକୁ କୂଳରେ ଲଗାଇ ପାରିବେ । ଗତ ପାକସ୍ଥାନ ଆକ୍ରମଣ ବେଳେ କବିମାନଙ୍କ ଏହି ବାଣୀ ସାରା କାଶ୍ମୀରରେ ରୂପାୟିତ ହୋଇଥିଲା । ଏହି ସଂଗ୍ରାମରେ କାଶ୍ମୀରବାସୀମାନେ ଜାତିଧର୍ମ ନିର୍ବିଶେଷରେ କାନ୍ଧକୁ କାନ୍ଧ ମିଶାଇ ଆକ୍ରମଣକାରୀର ମୁକାବିଲା କରିଥିଲେ ।

ଅଶୋକ, କୁଶାଣ, ଗୁପ୍ତ, ମୋଗଲ ଓ ଶିଖମାନଙ୍କ ସମୟରେ କାଶ୍ମୀର ଭାରତର ଏକ ଅବିଚ୍ଛେଦ୍ୟ ଅଂଶ ଥିଲା । କାଶ୍ମୀରର ଧର୍ମ, ଦର୍ଶନ, କଳା, ବିଜ୍ଞାନ ଓ ସାହିତ୍ୟକୁ ସେମାନଙ୍କର ପ୍ରଭୂତ ଅବଦାନ ରହିଛି । କାଶ୍ମୀର ଭାରତର ଗୋଟିଏ ସୀମାନ୍ତରେ ରହି ଥିବାରୁ ସୀମାନ୍ତ ନିକଟବର୍ତ୍ତୀ କେନ୍ଦ୍ର ଏସିଆ, ଚୀନ, ତିବ୍ବତ୍ ଏପରିକି ସୁଦୂର ମଙ୍ଗୋଲିଆ ଓ ଇଣ୍ଡୋନେସିଆର ଧର୍ମ ଓ ସଂସ୍କୃତିକୁ ମଧ୍ୟ ଏହା ପ୍ରଭାବିତ କରିଛି ।

## ଭାରତର ଧର୍ମ ନିରପେକ୍ଷତା

ଗତ କେତେ ବର୍ଷ ମଧ୍ୟରେ କାଶ୍ମୀରରେ ଧର୍ମ ନିରପେକ୍ଷତା କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ କାର୍ଯ୍ୟ କରିଆସିଛି । ଭାରତର ସହାୟତା କାଶ୍ମୀରର ଧର୍ମ ନିରପେକ୍ଷ ପରମ୍ପରା ଓ ସଂସ୍କୃତିକୁ ରକ୍ଷା କରିବା ଦିଗରେ ସାହାଯ୍ୟ କରିଆସିଥିବା କଥା ଯେତିକି ସତ କାଶ୍ମୀର ଭାରତର ଧର୍ମ ନିରପେକ୍ଷତାକୁ ବଜାୟ ରଖିବା ଦିଗରେ ଯଥେଷ୍ଟ ସାହାଯ୍ୟ କରିଥିବା ମଧ୍ୟ ତତୋଧିକ ସତ୍ୟ । କାଶ୍ମୀରର ସହାୟତା ନଥିଲେ ଭାରତରେ ଧର୍ମ ନିରପେକ୍ଷତାର ଶକ୍ତି ଦୁର୍ବଳ ହୋଇପଡ଼ି ଥାଆନ୍ତା, ବିଶେଷତଃ ସୀମାନ୍ତ ପରପାରରୁ ଧାରାବାହିକ ଜଘନ୍ୟ ଆକ୍ରମଣହିଁ ଏହାକୁ ଦୁର୍ବଳ କରିପକାଇଥାନ୍ତା ।

---

"ଭାରତ ଓ ଭାରତର ଜନସାଧାରଣଙ୍କର ସୋଭିଏତ୍ ୟୁନିଅନ ଓ ସୋଭିଏତ ଜନସାଧାରଣଙ୍କ ସହିତ ଯେଉଁ ବନ୍ଧୁତ୍ୱ ରହିଛି ତାହା କୌଣସି ଫାଇଦା ଉଠାଇବା କିମ୍ବା ସୌଖୀନ ମାର୍ଗ ଉପରେ ପ୍ରତିଷ୍ଠିତ ନୁହେଁ । ଏହା ଅତ୍ୟନ୍ତ ନିବିଡ଼" ।

—ଜବାହରଲାଲ ନେହେରୁ—

# ଆମର ରେଲ୍‌ବାଇ ଓ ଆତ୍ମନିର୍ଭରଶୀଳତା

ଜ. ଡି. ଖଣ୍ଡେଲୱାଲ୍

ରେଲୱେ ବୋର୍ଡ ଚେୟାରମ୍ୟାନ

ଆମ ଦେଶରେ ରେଲବାଇର ଅଗ୍ରଗତି ଅତ୍ୟନ୍ତ ବିସ୍ମୟକର, ବିଶେଷ କରି ଆତ୍ମନିର୍ଭରଶୀଳ ହେବାପାଇଁ ରେଲବାଇର ଉଦ୍ୟମ ଇତିହାସର ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ରହିବ । ବିଦେଶରୁ ଆମଦାନି କରି ନଆଣିଲେ ଭାରତୀୟ ରେଳପଥରେ ଟ୍ରେନ ଚଳାଚଳ କଥା ଭାବି ହେଉନଥିଲା । ସେହିଦିନଠାରୁ ଆଜି ରେଳବାଇ କେବଳ ସଂପୂର୍ଣ୍ଣ ଆତ୍ମନିର୍ଭରଶୀଳ ହୋଇଅଛି ତାହାନୁହେଁ, ବିଦେଶକୁ ରପ୍ତାନି କରିବାରେ ମଧ୍ୟ ସମର୍ଥ ହୋଇଛି । ଏହାହିଁ ହେଉଛି ଭାରତୀୟ ରେଲବାଇର ନୂତନ ଦୃଷ୍ଟିଭଙ୍ଗୀ, ଭବିଷ୍ୟତ ପ୍ରତି ଦୃଷ୍ଟି ଓ ଦେଶ ପ୍ରେମର ଜ୍ୱଳନ୍ତ ପ୍ରମାଣ । ୧୯୪୭ରେ ସ୍ୱାଧୀନତା ପାଇବାପରେ ଆମେ କିନ୍ତୁ ପାଇଥିଲୁ ଭୁସୁଡ଼ୁଥିବା ଏକ ରେଳପଥର ପରିଚାଳନାର ଦାୟିତ୍ୱ ।

ଆଜି ଭାରତୀୟ ରେଳବାଇ ବାଷ୍ପଚାଳିତ ଇଞ୍ଜିନ, ଯାତ୍ରୀବାହୀ ଡବା, ୱାଗନ, ରେଳପଥ, ଯାନ୍ତ୍ରିକ ସିଗନାଲ୍ ଉପକରଣ ଓ ଟ୍ରେନ୍‌ରେ ଆଲୋକ ଦେବା ଉପକରଣରେ ଆତ୍ମନିର୍ଭରଶୀଳ ହେବା ସଙ୍ଗେ ସଙ୍ଗେ ଏହିସବୁ ଜିନିଷ ବିଦେଶକୁ ବି ରପ୍ତାନି କରୁଛି । ଦେଶର ବିଭିନ୍ନ ଶିଳ୍ପାନୁଷ୍ଠାନମାନେ ଏଥିପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ ଦ୍ରବ୍ୟମାନ ମଧ୍ୟ ନିୟମିତ ଭାବରେ ଯୋଗାଇ ଦେଉଛନ୍ତି । ରେଳଗାଡ଼ି ଚକ ଓ ଅକ୍ଷମାନ ଯଥେଷ୍ଟ ପରିମାଣରେ ଭାରତୀୟ ସରକାର ଓ ସର୍ବସାଧାରଣ ଉଦ୍ୟୋଗରେ ପ୍ରତିଷ୍ଠିତ କାରଖାନାମାନଙ୍କରେ ତିଆରି ହେଉଛି । ଯେଉଁ ଅଳ୍ପ କେତେକ ଜିନିଷ ବିଦେଶରୁ ଆ[...] କରାଯାଉଛି ପ୍ରଗତି ସେସବୁକୁ ଆମଦେଶରେ [...] କରିବାଦିଗରେ ଦ୍ରୁତ କାର୍ଯ୍ୟାନୁଷ୍ଠାନ କରାଯାଉଛି [...]

୧୯୫୦ରେ ପ୍ରଥମ କରି ଚିତ୍ତରଞ୍ଜନ ରେଳ[...] ତିଆରି କାରଖାନା ପ୍ରତିଷ୍ଠା କରାଯାଇଥିଲା । [...] ଏହି କାରଖାନା ହେଉଛି ଏସିଆର ସର୍ବ[...] ରେଳଇଞ୍ଜିନ କାରଖାନା । ଏଠାରେ ବି[...] ଚାଳିତ ରେଳଇଞ୍ଜିନ ମଧ୍ୟ ନିର୍ମାଣ କରାଯା[...] ଏ ପର୍ଯ୍ୟନ୍ତ ଏହି କାରଖାନାରେ ୨,୦୬୦ଟି [...] ଚାଳିତ ଇଞ୍ଜିନ, ୨୧ଟି ଡି. ସି. ବିଦ୍ୟୁତ [...] ଇଞ୍ଜିନ ଏବଂ ୮୦ଟି ଏ. ସି. ବିଦ୍ୟୁତଚାଳିତ [...] ଇଞ୍ଜିନ ନିର୍ମିତ ହୋଇଛି ।

ବାରାଣସୀଠାରେ ୧୯୬୩ରେ ପ୍ରତିଷ୍ଠିତ [...] ଇଞ୍ଜିନ କାରଖାନାରେ ଡିଜେଲ୍ ଚାଳିତ ରେଳ[...] ନିର୍ମାଣ କରାଯାଉଛି । ଏପର୍ଯ୍ୟନ୍ତ ଏହି କାରଖାନା[...] ୧୦୦ ରୁ ଊର୍ଦ୍ଧ୍ୱ ଇଞ୍ଜିନ ନିର୍ମିତ ହୋଇ ସାରି[...] ଏହି କାରଖାନାଟି କ୍ରମେ ଆତ୍ମନିର୍ଭରଶୀଳ [...] ଉଠୁଛି । କିନ୍ତୁ ସଂକୀର୍ଣ୍ଣ ରେଳପଥ ବା ମିଟର[...] ରେଳପଥ ପାଇଁ ଏବେଗାଇ କାରଖାନାମାନଙ୍କରେ [...] ଇଞ୍ଜିନମାନ ନିର୍ମାଣ କରାଯାଉଛି । ତୃତୀୟ ପଞ୍ଚବା[...] ଯୋଜନା କାଳ ମଧ୍ୟରେ ୩୨୦ଟି ଇଞ୍ଜିନ [...] ହୋଇଛି ଏବଂ ଆଉ ୨୦୦ଟି ଇଞ୍ଜିନର ନିର୍ମାଣ [...] ଚାଲିଛି । ବାରାଣସୀଠାରେ ଏହି ସବୁ ରେଳ[...]

...ାଇଁ ଡିଜେଲ ଇଞ୍ଜିନ ତିଆରି କରିବାର ଏକ ...ଯୋଜନା ପରୀକ୍ଷା କରି ଦେଖାଯାଉଛି ।

...ଅଖଣ୍ଡ ରେଳବଗି କାରଖାନା ପ୍ରଥମଥର ପାଇଁ ...୧୯୫୫ରେ ଉଦ୍‌ଘାଟିତ ହେଲା । ଆଜି ଏହା ପୃଥିବୀର ...ତୀୟତମ ବୃହତ୍ 'ରେଳବଗି କାରଖାନା'ରୂପେ ...କୃତି ପାଇଛି । ଏହି କାରଖାନା ତିଆରି ବଗିଗୁଡିକ ...ଦୃଶ୍ୟ, ମଜବୁତ, ଆରାମଦାୟକ ଓ ନିରାପଦ । ...ହି କାରଖାନାରେ ପାଞ୍ଚହଜାର ବଗି ନିର୍ମିତ ...ହୋଇଛି ଏବଂ ତିନିହଜାରରୁ ଊର୍ଦ୍ଧ୍ୱ ବଗି ସଜ୍ଜିତ ...ହୋଇଛି । ଦରଦାମ ବୃଦ୍ଧି ପାଇଥିବା ସତ୍ତ୍ୱେ ଗୋଟିଏ ...ଶୀୟ ଶ୍ରେଣୀ ସୁସଜ୍ଜିତ ବଗିର ଦାମ ୧,୭୨,୦୦୦ ...ରୁ ୮୦ ହଜାର ଟଙ୍କାକୁ କମିଯାଇଛି । ଏହି ...ରଖାନାରେ ଲଗେଜ ଓ ବ୍ରେକ୍‌ଭ୍ୟାନ, ସ୍ଲିପର ... ଏବଂ ଦ୍ୱିତୀୟ ଓ ପ୍ରଥମ ଶ୍ରେଣୀ ବଗିମାନ ମଧ୍ୟ ...ଣ କରାଯାଉଛି । ଶୀତତାପ ନିୟନ୍ତ୍ରିତ ...ଲବାଇ ବଗି ନିର୍ମାଣ ଏହି କାରଖାନାରେ ମଧ୍ୟ ...ବ ହୋଇଛି ।

ରେଳପଥରେ ସିଗନାଲିଂ ବ୍ୟବସ୍ଥା ଏବେ ଯାନ୍ତ୍ରିକ ଉପାୟରେ କରାଯାଉଛି । ଏଥିପାଇଁ ଆବଶ୍ୟକ ହେଉଥିବା ସମସ୍ତ ଯନ୍ତ୍ରପାତି ଦେଶରେ ନିର୍ମାଣ କରାଯାଉଛି । ଏହା ବ୍ୟତୀତ ବିଦ୍ୟୁତ ଚାଳିତ ବୈଦ୍ୟୁତିକ ସିଗ୍‌ନାଲ ଯନ୍ତ୍ରପାତି ନିର୍ମାଣ କାର୍ଯ୍ୟ ମଧ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି । ଚତୁର୍ଥ ଯୋଜନାକାଳ ମଧ୍ୟରେ ବିଦ୍ୟୁତ ଚାଳିତ ସିଗ୍‌ନାଲ ନିର୍ମାଣ କ୍ଷେତ୍ରରେ ଆମେ ସ୍ୱାବଲମ୍ବୀ ହୋଇପାରିବୁ । ରେଳବାଇ ପାଇଁ ଆବଶ୍ୟକ ହେଉଥିବା ଟେଲି ଯୋଗାଯୋଗ ବ୍ୟବସ୍ଥାର ଦାୟିତ୍ୱ "ଇଣ୍ଡିଆନ ଟେଲିଫୋନ ଇଣ୍ଡଷ୍ଟ୍ରି" ଏବଂ "ଭାରତ ଇଲେକ୍‌ଟ୍ରୋନିକ୍‌ସ" ନେଇଛନ୍ତି । ସିଗ୍‌ନାଲ ଯନ୍ତ୍ରପାତି ନିର୍ମାଣ ପାଇଁ ରେଳବାଇ ପକ୍ଷରୁ ଏକ କାରଖାନା ନିର୍ମାଣ କରାଯାଉଛି ।

ରେଳବାଇ ଆତ୍ମନିର୍ଭରଶୀଳ ହେବାଫଳରେ ବହୁ ମୂଲ୍ୟ ବୈଦେଶିକ ମୁଦ୍ରା ସଞ୍ଚିତ ହୋଇପାରୁଛି । ଆଗରୁ ଶତକଡ଼ା ୨୨.୫ ଭାଗ ଯନ୍ତ୍ରପାତି ଓ ଅଂଶ-ବିଶେଷମାନ ବିଦେଶରୁ କଣାଯାଉଥିବା ସ୍ଥଳେ ବର୍ତ୍ତମାନ ମାତ୍ର ଶତକଡ଼ା ୧୫ ଭାଗ କଣା ଯାଉଛି ।

---

"ସୋଭିଏଟ୍ ରୁଷ ଓ ଭାରତ ମଧ୍ୟରେ ଥିବା ନିବିଡ଼ ବନ୍ଧୁତ୍ୱ, ଶାନ୍ତିପୂର୍ଣ୍ଣ ସହାବସ୍ଥାନ ନୀତିର ...କାଶ ଦିଗରେ ଏକ ସଫଳ ପ୍ରଚେଷ୍ଟା । ଦେଶ ଦେଶ ମଧ୍ୟରେ ବିଭିନ୍ନ ନୀତି ଓ ଆଦର୍ଶବାଦ ଥିଲେ ମଧ୍ୟ ...ନ୍ୟ, ବିଶ୍ୱାସ ଓ ପରସ୍ପରକୁ ସାହାଯ୍ୟ କରିବାର ମନୋବୃତ୍ତି ନେଇ ନିକଟ ସମ୍ପର୍କ ସ୍ଥାପନ କରିହେବ । ...ହା ଏଥିରୁ ପ୍ରମାଣିତ ହୋଇଛି" ।

—ଇନ୍ଦିରା ଗାନ୍ଧୀ—

# ବନ୍ଧୁତ୍ୱପୂର୍ଣ୍ଣ ସହଯୋଗର ନିଦର୍ଶନ

୧୯୭୭ ଏପ୍ରିଲ୍ ୧୩ ତାରିଖ ଭାରତ ଓ ସୋଭିଏତ୍ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନର ତ୍ରିଂଶ ବାର୍ଷିକ ଉତ୍ସବ ଦିବସ । ଏଇ କୋଡ଼ିଏବର୍ଷ ଭିତରେ ସବୁ କ୍ଷେତ୍ରରେ ଭାରତ-ସୋଭିଏତ୍ ବନ୍ଧୁତ୍ୱ ଓ ସହଯୋଗର ସଫଳ ସମ୍ପ୍ରସାରଣ ନାଟକୀୟ ଭଙ୍ଗୀରେ ଘଟି ଯାଇଛି ।

ଶାନ୍ତିର ସନ୍ଧାନ ଓ ବିଶ୍ୱଯୁଦ୍ଧ ଏଡ଼ାଇବା ପ୍ରଚେଷ୍ଟାରୁ ଏଇ ଦୁଇ ରାଷ୍ଟ୍ର ମଧ୍ୟରେ ବନ୍ଧୁତ୍ୱ ଓ ସହୃଦୟତାର ଗଣ୍ଠି ନିବିଡ଼ ହୋଇଉଠିଛି । ଭାରତ ପ୍ରଥମେ କୂଟନୈତିକ ସମ୍ପର୍କ ସ୍ଥାପନ କରିଥିବା ଦେଶଗୁଡ଼ିକ ମଧ୍ୟରେ ସୋଭିଏତ୍ ୟୁନିୟନ ଅନ୍ୟତମ । ଏଇ ଦୁଇ ଦେଶ ମଧ୍ୟରେ ସମ୍ପର୍କ କେବଳ ଏଇ ଦୁଇ ଦେଶବାସୀଙ୍କର ସ୍ୱାର୍ଥ ସାଧନ ଦିଗରେ ନୁହେଁ, ବିଶ୍ୱ ଶାନ୍ତି ପ୍ରତିଷ୍ଠା ଦିଗରେ ମଧ୍ୟ ସହାୟକ ହୋଇଛି ।

ଯୁଗ ଯୁଗ ଧରି ଭାରତ ଓ ସୋଭିଏତ୍ ଦେଶ ମଧ୍ୟରେ ନିବିଡ଼ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ସହଯୋଗ ରହି ଆସିଛି । ପର୍ତ୍ତୁଗୀଜ୍ ନାବିକ ଭାସ୍କୋଡଗାମାଙ୍କ ଭାରତ-ଦର୍ଶନର ୨୫ ବର୍ଷ ପୂର୍ବରୁ ସୋଭିଏତ୍ ପରିବ୍ରାଜକ ଅଫାନାସି ନିକିଟିନ୍ ଭାରତ ପରିଦର୍ଶନ କରିଥିଲେ । ସେ ତିନିବର୍ଷ କାଳ ଭାରତରେ ରହି ଭାରତୀୟ ଜୀବନର ବିଭିନ୍ନ ଦିଗକୁ ଗଭୀର ଭାବରେ ଅନୁଧ୍ୟାନ କରିଥିଲେ ।

ସ୍ୱାଧୀନତା ଲାଭର ସ୍ୱଳ୍ପମାସ ପୂର୍ବରୁ ୧୯୪୭ ଏପ୍ରିଲ୍ ୧୩ ତାରିଖ ଦିନ କୂଟନୈତିକ ସମ୍ପର୍କ ସ୍ଥାପନ ଲାଗି ଉଭୟ ଦେଶର ପ୍ରଧାନମନ୍ତ୍ରୀମାନଙ୍କ ମଧ୍ୟରେ ପତ୍ର ବିନିମୟ ହୋଇଥିଲା । ନିଜର ସ୍ଥିତି ବଜାୟ ର... ପାଇଁ ଯେତେବେଳେ ସୋଭିଏତ୍ ୟୁନିୟନ ... ସଂଗ୍ରାମରେ ବ୍ୟାପୃତ ଥିଲା, ସେତେବେଳେ ... ଡିସେମ୍ବର ମାସରେ ଭାରତୀୟ ଜାତୀୟ କଂଗ୍ରେସ ପ୍ରସ୍ତାବରେ ଭାରତର ଜନସାଧାରଣଙ୍କ ପକ୍ଷରୁ ... ଦେଶ ଓ ସ୍ୱାଧୀନତାର ସୁରକ୍ଷା ପାଇଁ ସୋଭି... ବାସୀଙ୍କ ଗୌରବପୂର୍ଣ୍ଣ ଓ ସାହସିକ କାର୍ଯ୍ୟ ... ଚମକପ୍ରଦ ସ୍ୱାର୍ଥତ୍ୟାଗକୁ ପ୍ରଶଂସା କରାଯିବା ... ସଙ୍ଗେ ସେଥିପ୍ରତି ସହାନୁଭୂତି ପ୍ରଦର୍ଶନ ... ଯାଇଥିଲା ।

ସ୍ୱାଧୀନତା ଲାଭ ପରେ ଭାରତର ... ସୋଭିଏତ୍ ୟୁନିୟନ୍ ସହିତ ଦ୍ରୁତ ବୃଦ୍ଧି ... ଏବଂ ତାହା ସଙ୍ଗେ ସଙ୍ଗେ ପାରସ୍ପରିକ ବୁଝାମ... ସହଯୋଗର ପରିସର ମଧ୍ୟ ସମ୍ପ୍ରସାରିତ ହେଲା ।

ଭାରତ-ସୋଭିଏତ ସହଯୋଗ ବହୁକ୍ଷେ... ବ୍ୟାପି ରହିଛି । ବହୁ ଆନ୍ତର୍ଜାତିକ ସମସ୍ୟା କ୍ଷେ... ଉଭୟ ଦେଶର ମତ ଏକ ଓ ଅଭିନ୍ନ । ଅର୍ଥନୈ... କ୍ଷେତ୍ରରେ ଏଇ ଉଭୟ ଦେଶ ମଧ୍ୟରେ ଏକ ... ସମ୍ପର୍କ ସୃଷ୍ଟି ହୋଇଛି । ଭାରତ-ସୋଭିଏତ୍ ବା... ମଧ୍ୟ ଯଥେଷ୍ଟ ବୃଦ୍ଧି ପାଇଛି । ସାଂସ୍କୃତିକ କ୍ଷେ... ମଧ୍ୟ ଏଇ ଦୁଇ ଦେଶର ସମ୍ପର୍କ ଗଭୀର ଓ ... ହୋଇଛି ।

## ସାଂସ୍କୃତିକ ସମ୍ପର୍କ

ସ୍ୱାଧୀନତା ଲାଭର କିଛିବର୍ଷ ପରେ ଏଇ ... ଦେଶ ମଧ୍ୟରେ ଅସ୍ଥାୟୀ ଭାବରେ ସାଂସ୍କୃତିକ ... ଆରମ୍ଭ ହେଲା । ୧୯୬୦ ଫେବୃଆରି ୧୨ ତାରି... ନୂଆଦିଲ୍ଲୀଠାରେ ଉଭୟ ଦେଶ ମଧ୍ୟରେ ଆନୁ...

ଭାବରେ ଏକ ସାଂସ୍କୃତିକ ଚୁକ୍ତି ସ୍ୱାକ୍ଷରିତ ହେଲା । ସାଂସ୍କୃତି, ବିଜ୍ଞାନ, ଶିକ୍ଷା, କଳା, ଶିଳ୍ପବିଦ୍ୟା ଆଦି କ୍ଷେତ୍ରରେ ନିବିଡ଼ ସହଯୋଗ ସ୍ଥାପନ ଜରିଆରେ ଉଭୟ ଦେଶ ମଧ୍ୟରେ ଥିବା ବନ୍ଧୁତ୍ୱ ସମ୍ପର୍କକୁ ସୁଦୃଢ଼ କରିବା ହେଲା ଏହି ଚୁକ୍ତିର ଲକ୍ଷ୍ୟ ।

ବର୍ତ୍ତମାନ ଉଭୟ ଦେଶର ବହୁସଂଖ୍ୟକ ଲେଖକ, ଶିଳ୍ପୀ, ସାମ୍ବାଦିକ, ଛାତ୍ର ଓ କ୍ରୀଡ଼ାବିତ୍ ପରସ୍ପର ଦେଶ ପରିଦର୍ଶନ କରୁଛନ୍ତି । ଉଭୟ ଦେଶର ଅଧ୍ୟାପକମାନେ ପରସ୍ପର ଦେଶର ଛାତ୍ରମାନଙ୍କ ପାଇଁ ଭାଷଣ ଦେଉଛନ୍ତି । ବର୍ତ୍ତମାନ ପ୍ରାୟ ୩୦୦ ଭାରତୀୟ ଛାତ୍ର ସୋଭିଏଟ୍ ବୃତ୍ତି ପାଇ ସେଠାରେ ଅଧ୍ୟୟନ କରୁଛନ୍ତି ଏବଂ ବହୁସଂଖ୍ୟକ ସୋଭିଏଟ୍ ଛାତ୍ର ଭାରତରେ ରହି ବିଭିନ୍ନ ଭାରତୀୟ ଭାଷା, ଇତିହାସ ଆଦି ଅଧ୍ୟୟନ କରୁଛନ୍ତି ।

ଦିଲ୍ଲୀରେ ରୁଷଭାଷା ଅଧ୍ୟୟନ ପାଇଁ ଭାରତୀୟ ପ୍ରତିଷ୍ଠାନ ସ୍ଥାପନରେ ସୋଭିଏଟ୍ ୟୁନିୟନ୍ ସାହାଯ୍ୟ କରିଛି । ବମ୍ବେଠାରେ ଅବସ୍ଥିତ ଭାରତୀୟ ଶିଳ୍ପବିଦ୍ୟା ପ୍ରତିଷ୍ଠାନ ମଧ୍ୟ ନିଜର ପ୍ରତିଷ୍ଠା ପାଇଁ ସୋଭିଏଟ୍ ୟୁନିୟନ୍ ନିକଟରେ ଋଣୀ । ବିଜ୍ଞାନ ତଥା ଅନ୍ୟାନ୍ୟ ବିଷୟରେ ରୁଷୀୟ ପୁସ୍ତକଗୁଡ଼ିକୁ ଭାରତୀୟ ଭାଷାରେ ଅନୁବାଦ କରି ପ୍ରକାଶ କରିବା ପାଇଁ ସୋଭିଏଟ୍ ୟୁନିୟନ ଭାରତକୁ ବୈଷୟିକ ସାହାଯ୍ୟ ଦେଉଛି ।

## ଅର୍ଥନୈତିକ ସହଯୋଗ

ଗତ ୧୯୫୫ ଫେବୃୟାରୀ ମାସରେ ଭାରତ ଓ ସୋଭିଏଟ୍ ୟୁନିୟନ୍ ଐତିହାସିକ ଭିଲାଇ ଚୁକ୍ତି ସ୍ୱାକ୍ଷର କଲେ । ଏହାଫଳରେ ଉଭୟ ଦେଶର ଅର୍ଥନୈତିକ ସହଯୋଗ କ୍ଷେତ୍ରରେ ଏକ ନୂତନ ଯୁଗର ଆରମ୍ଭ ହେଲା ଏବଂ ଅନ୍ୟାନ୍ୟ କ୍ଷେତ୍ରକୁ ମଧ୍ୟ ଏହା ବ୍ୟାପିଲା । ସେହିଦିନଠାରୁ ଏହି ଉଭୟ ଦେଶ ମଧ୍ୟରେ ବହୁ ଅର୍ଥନୈତିକ ଚୁକ୍ତି ସ୍ୱାକ୍ଷରିତ ହେଲାଣି । ଭାରତର ତୃତୀୟ ପଞ୍ଚବାର୍ଷିକ ଯୋଜନାପାଇଁ ଦେଇଥିବା ୩୦ କୋଟି ରୁବେଲ ଋଣକୁ ମିଶାଇଲେ ସୋଭିଏଟ୍ ୟୁନିୟନ୍ ୧୯୫୫ ମସିହାରୁ ଭାରତକୁ ମୋଟ ୧୩୭ କୋଟି ରୁବେଲ ଆର୍ଥିକ ସାହାଯ୍ୟ ଦେଲାଣି ।

ଅର୍ଥନୈତିକ ଓ ଶିଳ୍ପ ସହଯୋଗ କ୍ଷେତ୍ରରେ କେତୋଟି ବଡ଼ ବଡ଼ ଯୋଜନା ବିଷୟ ଏଠାରେ ଉଲ୍ଲେଖ କରିବା ଉଚିତ୍ ହେବ ।

ବର୍ଷକୁ ୧୦ ଲକ୍ଷ ମେଟ୍ରିକ ଟନ୍ ଇସ୍ପାତ ଉତ୍ପାଦନ କରିବା ଲକ୍ଷ୍ୟରେ ଭିଲାଇ ଇସ୍ପାତ କାରଖାନା କାମ ଆରମ୍ଭ ହୋଇଥିଲା । କିନ୍ତୁ ଏହି କାରଖାନାର ଉତ୍ପାଦନ ବର୍ତ୍ତମାନ ୨୫ ଲକ୍ଷ ମେଟ୍ରିକ୍ ଟନ୍‌ରେ ପହଞ୍ଚିଲାଣି । ଏହି କାରଖାନାର ପ୍ରାୟ ୭୦୦ ଭାରତୀୟ ଇଂଜିନିୟର ସୋଭିଏଟ୍ ୟୁନିୟନ୍‌ରେ ତାଲିମ ପାଉଛନ୍ତି ।

୧୯୬୩ ନଭେମ୍ବର ମାସରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଜବାହରଲାଲ ନେହରୁ ରାଞ୍ଚିଠାରେ ଭାରୀ ଯନ୍ତ୍ରପାତି ନିର୍ମାଣ କାରଖାନା ଉଦ୍‌ଘାଟନ କଲେ । ଏହା ପୃଥିବୀର ବୃହତ୍ତମ ଭାରୀ ଯନ୍ତ୍ରପାତି ନିର୍ମାଣ କାରଖାନାଗୁଡ଼ିକ ମଧ୍ୟରେ ଅନ୍ୟତମ । ମାଦ୍ରାଜର ନେଇଭେଲି ତାପଜ ବିଦ୍ୟୁତ୍ କାରଖାନା ୧୯୬୪ ଅଗଷ୍ଟ ୫ ତାରିଖରେ ଉଦ୍‌ଘାଟିତ ହେଲା । ଏହାର ଉତ୍ପାଦନ କ୍ଷମତା ୪୦୦ ମେଗାୱାଟ୍ । ୬୦୦ ମେଗାୱାଟ୍ ପର୍ଯ୍ୟନ୍ତ ଏହାର କ୍ଷମତା ବୃଦ୍ଧି କରାଯିବ ।

## ତୈଳ ଅନୁସନ୍ଧାନ

୧୯୬୫ ଜାନୁୟାରୀ ୧୫ ତାରିଖ ଦିନ ବାରାଉଣି ତୈଳ ବିଶୋଧନାଗାର ଉଦ୍‌ଘାଟିତ ହେଲା । ଏହାର କ୍ଷମତା ୩୦ ଲକ୍ଷ ମେଟ୍ରିକ୍ ଟନ୍‌କୁ ବୃଦ୍ଧି କରାଯିବ । ୧୯୬୩ରେ ଶ୍ରୀ ନେହରୁ ଏହି ବିଶୋଧନାଗାରର ଶିଳାନ୍ୟାସ କରିଥିଲେ । ୧୯୫୫ରେ ପ୍ରଥମ ଦଳ ସୋଭିଏଟ୍ ତୈଳ ବିଶେଷଜ୍ଞ ଭାରତକୁ ଆସିଥିଲେ ।

ସୋଭିଏତ୍ ସାହାଯ୍ୟରେ ୧୯୬୨ ମେ ମାସରେ କାମ୍ବେ ନିକଟବର୍ତ୍ତୀ ଅଙ୍କଲେଶ୍ୱର ଅଞ୍ଚଳରେ ପ୍ରଥମ ତୈଳ ଖନନ କାର୍ଯ୍ୟ ଚାଲିଲା । ସେହିବର୍ଷ ଡିସେମ୍ବର ମାସରେ ରୁଦ୍ରସାଗରଠାରେ ତୈଳ ଖନନ କରାଗଲା । ଏବେ ଆସାମରେ ଲକ୍‌ୱା ତୈଳ ଖଣି ଓ ଅନ୍ୟାନ୍ୟ ବହୁ ଖଣି ଆବିଷ୍କୃତ ହେଲଣି ।

## ବୋକାରୋ

ବୋକାରୋଠାରେ ଗୋଟିଏ ଇସ୍ପାତ କାରଖାନା ନିର୍ମାଣପାଇଁ ୧୯୬୫ ଜାନୁୟାରି ୨୫ ତାରିଖରେ ଚୁକ୍ତି ସ୍ୱାକ୍ଷରିତ ହେଲା । ବର୍ଷକୁ ୪୦ ଲକ୍ଷ ମେଟ୍ରିକ୍ ଟନ୍ ଇସ୍ପାତ ଉତ୍ପାଦିତ ହୋଇପାରିବା ଭଳି ଏହି କାରଖାନାର ଉତ୍ପାଦନ କ୍ଷମତା ସଂପ୍ରସାରଣ କରା-ଯିବାର ପ୍ରସ୍ତାବ ରହିଛି ।

ହରଦ୍ୱାର ନିକଟବର୍ତ୍ତୀ ରାଣୀପୁରଠାରେ ୧୯୬୭ ଜାନୁଆରି ୩ ତାରିଖ ଦିନ ଭାରି ବୈଦ୍ୟୁତିକ ଯନ୍ତ୍ରପାତି କାରଖାନା ଉଦ୍‌ଘାଟିତ ହେଲା । ଏଠାରେ ବର୍ଷକୁ ମୋଟ ୨୭ ଲକ୍ଷ କିଲୋୱାଟ୍ ଶକ୍ତିସମ୍ପନ୍ନ ଟରବାଇନ୍ ଓ ଜେନେରେଟର ନିର୍ମିତ ହୋଇପାରିବ ।

## ବାଣିଜ୍ୟ ସମ୍ପର୍କ

ଭାରତ ଓ ସୋଭିଏତ୍ ୟୁନିୟନ ମଧ୍ୟରେ ୧୯ ଡିସେମ୍ବର ୨ ତାରିଖ ଦିନ ପ୍ରଥମ ବାଣିଜ୍ୟ ଚୁ ସ୍ୱାକ୍ଷରିତ ହେଲା । ୧୯୫୮ ନଭେମ୍ବର ୧୬ ତା ଦିନ ଏଇ ଉଭୟ ଦେଶ ମଧ୍ୟରେ ପାଞ୍ଚବର୍ଷ ପା ଆଉ ଏକ ଦ୍ୱିପକ୍ଷୀୟ ବାଣିଜ୍ୟ ଚୁକ୍ତି ସମ୍ପାଦ କରାଗଲା । ୧୯୫୯ ମସିହାରେ ଏଇ ଚୁକ୍ତି ଅନୁଯା ଉଭୟ ପକ୍ଷରୁ ୩୧ କୋଟି ଟଙ୍କାର ବାଣି କାରବାର ହୋଇଥିବା ସ୍ଥଳେ ୧୯୬୩ରେ ୫୩ କୋ ଟଙ୍କାର ବାଣିଜ୍ୟ କାରବାର ହୋଇଥିଲା ।

୧୯୬୩ ଜୁନ୍ ୧୦ ତାରିଖରେ ଏଇ ଉଭୟ ଦେ ମଧ୍ୟରେ ତୃତୀୟ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହେଲା ଉତ୍ପାଦିତ ସାମଗ୍ରୀ ରପ୍ତାନି ବୃଦ୍ଧି ପାଇଁ ଏଇ ଚୁକ୍ତି ବ୍ୟବସ୍ଥା କରାଗଲା । ୧୯୬୬ ଜାନୁଆରି ୨ ତାରିଖ ଏଇ ଉଭୟ ଦେଶ ମଧ୍ୟରେ ପୁଣି ଗୋଟିଏ ନୂ ବାଣିଜ୍ୟ ଚୁକ୍ତି ହେଲା, ତଦନୁଯାୟୀ ୧୯୬୬—୭ ପାଞ୍ଚବର୍ଷ ମଧ୍ୟରେ ମୋଟ ୨୦,୪୮ କୋଟି ଟ (ପ୍ରତ୍ୟେକ ପକ୍ଷରୁ ୧୦,୨୪ କୋଟି ଟଙ୍କା) ର ବାଣି କାରବାର ହେବ । ୧୯୬୨ ବେଳକୁ ବର୍ଷକୁ ପ୍ରତ୍ୟେ ପକ୍ଷରୁ ୨,୩୬ କୋଟି ଟଙ୍କାର କାରବାର ହେଉଥିବା

---

## ଚତୁର୍ଥ ପଞ୍ଚବାର୍ଷିକ ଯୋଜନା ସମୟରେ ଛ'ଟି ନୂଆ ସାର କାରଖାନା

ଚତୁର୍ଥ ପଞ୍ଚବାର୍ଷିକ ଯୋଜନା ସମୟରେ ଛ'ଟି ନାଇଟ୍ରୋଜେନ ସାର କାରଖାନା ପ୍ରତିଷ୍ଠିତ ହେବ ଏବଂ ତେରୋଟି କାରଖାନାର ସଂପ୍ରସାରଣ କରାଯିବ । ଏହିସବୁ କାରଖାନାରୁ ମୋଟ ୧୦,୬୧,୦୦୦ ଟନ୍ ସାର ଉତ୍ପାଦିତ ହୋଇପାରିବ । କାରଖାନାଗୁଡିକ ନାମରୂପ, ଗୋରଖପୁର, ଦୁର୍ଗାପୁର, କୋଚିନ, ମାଡ୍ରାଜ ଓ ବରାଉଣୀଠାରେ ପ୍ରତିଷ୍ଠିତ ହେବ । ଅଲୱେ, ଟ୍ରମ୍ବେ ଏବଂ ନାମରୂପର କାରଖାନାଗୁଡ଼ିକର ସଂପ୍ରସାରଣ କରାଯିବ ।

# କୃଷି କ୍ଷେତ୍ରରେ ଭାରତ-ରୁଷ ସହଯୋଗ

କୃଷି କ୍ଷେତ୍ରରେ ଭାରତ ଓ ସୋଭିଏତ ରୁଷ ଭିତରେ ଯେଉଁ ସଂପର୍କ ରହିଛି ତାର ଏକ ଜ୍ୱଳନ୍ତ ନମୁନା ହେଉଛି, 'ସୁରତଗଡ଼' ଫାର୍ମ । କେବଳ ଭାରତରେ ନୁହେଁ ସମଗ୍ର ଦକ୍ଷିଣ-ପୂର୍ବ ଏସିଆରେ ଏହା ହେଉଛି ବୃହତ୍ତମ ଫାର୍ମ । କୃଷିର ପ୍ରାୟ ସବୁ ମୌଳିକ କାର୍ଯ୍ୟ ଏଠାରେ ଯନ୍ତ୍ର ସାହାଯ୍ୟରେ ହୋଇଥାଏ । ଏହାର ଗୁରୁତ୍ୱ ସହଜରେ ଅନୁମେୟ ।

ଏହି ଫାର୍ମର ମୋଟ ୩୦,୩୩୧ ଏକର ଜମି ଭିତରୁ ୨୭,୫୦୧ ଏକରରେ ଚାଷ ହେଉଛି । ଅବଶିଷ୍ଟ ଜମିରେ ଘର, ନାଳ, ଜଙ୍ଗଲ ପ୍ରଭୃତି ରହିଛି ।

ଜଳ ଅଭାବ ସତ୍ତ୍ୱେ ସୁରତଗଡ଼ ଫାର୍ମ ଉଲ୍ଲେଖଯୋଗ୍ୟ ଭାବରେ ସଫଳତା ହାସଲ କରିଛି । କୃଷିପାଇଁ ଉଦ୍ଦିଷ୍ଟ ଜମିରେ ଖରିଫ ଫସଲ ସମୟରେ ଧାନ, ବାଜରା, କପା, ଆଖୁ ପ୍ରଭୃତି ଏବଂ ରବି ଫସଲ ସମୟରେ ଗହମ, ସୋରିଷ, ବାର୍ଲି, ମୁଗ ପ୍ରଭୃତି ଚାଷ ହେଉଛି ।

ଏକର ପ୍ରତି ୨୦ ମହଣ ଖାଦ୍ୟଶସ୍ୟ ଉତ୍ପାଦନ କରି ଏହି ଫାର୍ମ ପ୍ରଶଂସନୀୟ ହୋଇଛି । କେତେକ ଅଞ୍ଚଳରେ ଏକର ପ୍ରତି ଉତ୍ପାଦନ ୪୦ ମହଣ ପର୍ଯ୍ୟନ୍ତ ବୃଦ୍ଧି ପାଇଛି ।

୧୯୬୩-୬୪ରେ ପ୍ରାୟ ୮,୧୮୭ ଏକରରେ ଖରିଫ ଫସଲ ହୋଇଥିଲା । ଏଥିରୁ ୫୧୪ ଏକର ଜମିରେ ଧାନ ଚାଷ କରାଯାଇଥିଲା । ସେହିବର୍ଷ ୧୭,୫୯୦ ଏକରରେ ରବି ଫସଲ ହୋଇଥିଲା । ଏଥିରୁ ୮,୮୦୫ ଏକର ଜମିରେ ଗହମ ଚାଷ କରାଯାଇଥିଲା ।

କୃଷି ଉପକରଣ ମରାମତି ଏବଂ କେତେକ ଧରଣର କୃଷି ଉପକରଣ ତିଆରି ପାଇଁ ଏଠାରେ ସମସ୍ତ ସୁବିଧା ଥିବା ଏକ କାରଖାନା ଅଛି । ୧୯୬୦ ମସିହାରେ ରୁଷ ସରକାର ଏହି କାରଖାନାର ସମସ୍ତ ଯନ୍ତ୍ରପାତି ଉପହାର ଦେଇଥିଲେ ।

ସୁରତଗଡ ଫାର୍ମ ଉତ୍ପାଦନ ହାରାହାରି ପ୍ରାୟ ୩୦୦ ଲୋକଙ୍କୁ ଦିନ ମଜୁରି ଭାବରେ ନିଯୁକ୍ତ କରିଥାଏ । ଫସଲ ବୁଣା ଓ ଅମଳ ସମୟରେ ଏହି ସଂଖ୍ୟା ପ୍ରାୟ ୧,୪୦୦କୁ ବୃଦ୍ଧି ପାଏ ।

କର୍ମଚାରୀମାନଙ୍କ ସୁବିଧା ପାଇଁ ବିନା ଖର୍ଚ୍ଚରେ ଚିକିତ୍ସା, ବିନା ଭଡ଼ାରେ ଘର, ନିହାତି ମୂଲ୍ୟରେ ଅର୍ଥାତ୍ ବଜାର ଦରଠାରୁ ଶତକଡ଼ା ୧୦ କମ୍‌ରେ ଖାଦ୍ୟଶସ୍ୟ, ନିହାତି ଦରରେ ଭଡ଼ା ଦେଇ ସରକାରୀ ଗାଡ଼ି ବ୍ୟବହାର ପ୍ରଭୃତି ବ୍ୟବସ୍ଥା ଏହି ଫାର୍ମ ପକ୍ଷରୁ କରାଯାଇଛି । ଫଳରେ କର୍ମଚାରୀମାନଙ୍କ ଉତ୍ସାହ ଓ କର୍ମପ୍ରେରଣା ବୃଦ୍ଧି ପାଇଛି ।

ଭାରତର କୃଷି ବିକାଶରେ ରୁଷ ସହଯୋଗ ବିଭିନ୍ନ ରୂପରେ ଦେଖା ଦେଇଛି । ୧୯୬୦ ମସିହାରେ ହୋଇଥିବା ବିଶ୍ୱ କୃଷି ମେଳା ଶେଷରେ ସେଠାରେ ରୁଷ ପକ୍ଷରୁ ପ୍ରଦର୍ଶିତ ହେଉଥିବା ସମସ୍ତ କୃଷି ଉପକରଣ ଭାରତ ସରକାରଙ୍କୁ ଉପହାର ଦେବାକୁ ରୁଷ ସରକାର ସ୍ଥିର କଲେ । ଏହିସବୁ ଉପକରଣ ଭିତରେ କୃଷି ଫାର୍ମ ପାଇଁ ଉପଯୋଗୀ ବହୁବିଧ ଯନ୍ତ୍ରପାତି ଥିଲା । ଏହା ବ୍ୟତୀତ ରୁଷର ଶ୍ରେଷ୍ଠ ମେଣ୍ଢା, ଘୁଷୁରି ଓ ଗାଈ ମଧ୍ୟ ଥିଲେ ।

ଏହି ମେଣ୍ଢା ୧୯୫୮ରେ ରୁଷ ଭାରତକୁ ଦେଇଥିଲା । ଅତି ଉତ୍କୃଷ୍ଟ ପଶମ ପାଇଁ ଏ ଶ୍ରେଣୀର ମେଣ୍ଢାର ଆଦର ରହିଛି । ୧୯୫୯ ନଭେମ୍ବର ମାସରେ ମଧ୍ୟ ରୁଷ ଗଣତନ୍ତ୍ର ରୁଷ ସରକାରଙ୍କ ପକ୍ଷରୁ ୮ଟି ମେଣ୍ଢା ଦେଇଥିଲେ । କାଶ୍ମୀର, ହିମାଚଳପ୍ରଦେଶ, ମହାରାଷ୍ଟ୍ରରେ ଥିବା ମେଣ୍ଢା ପାଳନ ଫାର୍ମଗୁଡ଼ିକୁ ଏଗୁଡ଼ିକ ଯୋଗାଇ ଦିଆଯାଇଥିଲା ।

ରୁଷର କୃତ୍ରିମ ପ୍ରଜନନ ପଦ୍ଧତି ଭାରତରେ ପଶୁପାଳନ କ୍ଷେତ୍ରରେ ବିଶେଷଭାବରେ ପ୍ରଚଳିତ ହୋଇଛି । ସୋଭିଏତ ରୁଷ ଏଥିପାଇଁ କେତେକ ଯନ୍ତ୍ରପାତି ମଧ୍ୟ ଯୋଗାଇ ଦେଉଛି ।

ଦୁଇ ଦେଶ ମଧ୍ୟରେ କୃଷି ପ୍ରତିନିଧି ଦଳ, ବୈଜ୍ଞାନିକ ଓ ବିଶେଷଜ୍ଞ ବିନିମୟ ଫଳରେ କୃଷି କ୍ଷେତ୍ରରେ ଭାରତ-ରୁଷ ସହଯୋଗ ଦୃଢ଼ୀଭୂତ ହୋଇଛି । ମସ୍କୋଠାରେ ହୋଇଥିବା ଆନ୍ତର୍ଜାତିକ କୃଷି ଯନ୍ତ୍ରପାତି ପ୍ରଦର୍ଶନୀକୁ କେତେକ ଭାରତୀୟ ବିଶେଷଜ୍ଞ ଯାଇଥିଲେ । ସେହି ଅବସରରେ ସେମାନେ ରୁଷ ଗବେଷଣା ପ୍ରତିଷ୍ଠାନ, କୃଷି ପ୍ରତିଷ୍ଠାନ ତଥା ପଶୁପାଳନ ପ୍ରତିଷ୍ଠାନ ଗୁଡ଼ିକ ସହିତ ବିଶେଷଭାବରେ ପରିଚିତ ହୋଇଥିଲେ ଏବଂ ସେଗୁଡ଼ିକରେ କିପରି କାର୍ଯ୍ୟ ଚାଲିଛି ସେ ସଂପର୍କରେ ପ୍ରତ୍ୟକ୍ଷ ଜ୍ଞାନ ଲାଭ କରିଥିଲେ ।

ଏସବୁ ବ୍ୟତୀତ ବହୁ ଭାରତୀୟ କୃଷକ ରୁଷରେ ତାଲିମ ପାଇଛନ୍ତି । ସୁରତଗଡ଼ ଫାର୍ମରେ ୨୦୦ରୁ ଅଧିକ କର୍ମଚାରୀ କୃଷି ଯନ୍ତ୍ରପାତି ବ୍ୟବହାର ପାଇଁ ରୁଷ ବିଶେଷଜ୍ଞମାନଙ୍କ ଦ୍ୱାରା ତାଲିମ ପାଇଛନ୍ତି । ବର୍ତ୍ତମାନ ବହୁ ଭାରତୀୟ ଯୁବକ ରୁଷରେ କୃଷି ତାଲିମ ପାଉଛନ୍ତି ।

## ଏକତରଫା ନୁହେଁ

କୃଷିରେ ଭାରତ ଓ ରୁଷ ମଧ୍ୟରେ ସହଯୋଗ ଏକତରଫା ହୋଇନାହିଁ । ଭାରତକୁ ଆସିଥିବା ରୁଷ କୃଷକ ଓ କୃଷି ବିଶେଷଜ୍ଞମାନେ ଭାରତୀୟ କୃ
ତଥା କୃଷି ବିଶେଷଜ୍ଞମାନଙ୍କଠାରୁ ଅନେକ
ଶିଖିଛନ୍ତି ।

ନିକଟରେ ଭାରତ ଓ ରୁଷ ମଧ୍ୟରେ ସ୍ୱାକ୍ଷ
ହୋଇଥିବା ଏକ ଚୁକ୍ତି ଅନୁଯାୟୀ ରୁଷ ସହ
୧୯୬୮ ମସିହା ସୁଦ୍ଧା ପାଞ୍ଚଟି ରାଷ୍ଟ୍ରୀୟ ବୀହନ କୃଷି
ଫାର୍ମ ପ୍ରତିଷ୍ଠା ପାଇଁ ଯନ୍ତ୍ରପାତି ଏବଂ ରୁଷ ବିଶେଷ
ଦେବେ । ପ୍ରତ୍ୟେକ ବୀହନ ଫାର୍ମ ତିନି ହଜାରରୁ
ହଜାର ହେକ୍ଟର ଜମିରେ ପ୍ରତିଷ୍ଠିତ ହେବ ।
ଉପକରଣଗୁଡ଼ିକ ମଧ୍ୟରେ ଟ୍ରାକ୍ଟର, ବୁଲଡୋଜ
କେନାଲ୍ ଖୋଳା ଯନ୍ତ୍ର ପ୍ରଭୃତି ରହିବ ।

ଏଥିରୁ ସ୍ପଷ୍ଟ ହେବ ଯେ କୃଷିରେ ଭାରତ ଓ
ସହଯୋଗ କେବଳ କେତୋଟି ସମ୍ପର୍କରେ
ହୋଇନାହିଁ ; ଦିନକୁ ଦିନ ଅଧିକ ବ୍ୟାପକ ହେଉ
ନିକଟରେ ଭାରତକୁ ଦୁଇ ହଜାର ଟ୍ରାକ୍
ଯୋଗାଇବାକୁ ସୋଭିଏତ ଯେଉଁ ଚୁକ୍ତି କରିଛି ସେ
ଏହା ପ୍ରତିପାଦିତ ହୁଏ ।

## ଭାରତ-ରୁଷ ଅର୍ଥନୈତିକ ସଂପର୍କ

ଉନ୍ନତ ଦେଶ ଏବଂ ଉନ୍ନତି ପଥରେ ଅ
ଚାଲିଥିବା ଦେଶଗୁଡ଼ିକ ଭିତରେ ବାଣିଜ୍ୟ କାର
ବିଧିବଦ୍ଧ ଭାବରେ ଚଳିତ ଶତାବ୍ଦୀରେ ହେ
୧୯୫୩ ଠାରୁ ୧୯୬୫ ମଧ୍ୟରେ ଭାରତ ଓ ରୁଷ ବାଣି
ପାହାଲ ୧୦ ନିୟୁତ ଟଙ୍କାର ଥିଲା
୧,୬୮୦ ନିୟୁତ ଟଙ୍କାକୁ ବୃଦ୍ଧି ପାଇଲା । ଭାର
ଉତ୍ପାଦନ କ୍ଷମତା ବିଶେଷ କରି ଇସ୍ପାତ ଶିଳ୍ପ ଆଦି
କ୍ଷେତ୍ରରେ ଉତ୍ପାଦନ କ୍ଷମତା ବଢ଼ାଇବାକୁ ଅ
ପରିମାଣର ସାହାଯ୍ୟ ଦେଇ ରୁଷ ଏ କ୍ଷେ
ସହାୟତା କରିଛି ।

ତେଣୁ ଏହି ଦୁଇ ଦେଶ ମଧ୍ୟରେ ବାଣିଜ୍ୟର ବିଶେଷତ୍ୱ ରହିଛି । ଏହା ହେଲା ରୁଷଠାରୁ ଭାରତ ପାଇଲା ଯାହା ମୂଳଧନ ସରଞ୍ଜାମ ଆକାରରେ ଏବଂ ରୁଷକୁ ପରିଶୋଧ କରେ କଞ୍ଚାମାଲ ଆକାରରେ । ଫଳରେ ବାଣିଜ୍ୟ କାରବାର ତଥା ଅର୍ଥନୈତିକ ସହଯୋଗର ଯେଉଁ ଅସୁବିଧା ସାଧାରଣତଃ ଦେଖାଯାଏ, ତାହା ଦୂର ହୋଇଗଲା ।

## ଉଭୟ ଦେଶ ପାଇଁ ସୁବିଧା

୧୯୫୩ ମସିହା ପର୍ଯ୍ୟନ୍ତ ଭାରତ-ରୁଷ ବାଣିଜ୍ୟ ବିଶେଷ ଉଲ୍ଲେଖଯୋଗ୍ୟ ହୋଇ ନ ଥିଲା । ସେହି ବର୍ଷ ଡିସେମ୍ବର ମାସରେ ଉଭୟ ଦେଶର ସୁବିଧା ପ୍ରତି ଦୃଷ୍ଟି ଦେଇ ପ୍ରଥମ ଦୀର୍ଘ ମିଆଦି ବାଣିଜ୍ୟ ଚୁକ୍ତି ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ହେଲା । ଏହି ଚୁକ୍ତି ପାଞ୍ଚ ବର୍ଷ ପାଇଁ ଅର୍ଥାତ ୧୯୫୮ ପର୍ଯ୍ୟନ୍ତ ବଳବତ୍ତର ରହିଲା । ଏହାପରେ ୧୯୫୮ ନଭେମ୍ବର ମାସରେ ଯେଉଁ ଚୁକ୍ତି ହେଲା, ତାହା ବାଣିଜ୍ୟ କାରବାର ସଂକ୍ରାନ୍ତ ଦେୟ ପରିଶୋଧ ପାଇଁ ଅଧିକ ସୁବିଧା ଦେଲା ।

ଭାରତ ଓ ରୁଷ ମଧ୍ୟରେ ଦ୍ୱିତୀୟ ବାଣିଜ୍ୟ ଚୁକ୍ତି ୧୯୬୩ ଜୁନ ୧୦ ତାରିଖରେ ସ୍ୱାକ୍ଷରିତ ହେଲା । ଏହି ଚୁକ୍ତି ୧୯୬୪ ଜାନୁଆରୀ ପହିଲାଠାରୁ ୧୯୬୮ ଡିସେମ୍ବର ଶେଷ ତାରିଖ ପର୍ଯ୍ୟନ୍ତ ବଳବତ୍ତର ହେବ । ଏହି ଚୁକ୍ତି ବଳରେ ଭାରତ ତିଆରି ଜୋତା, ହସ୍ତଶିଳ୍ପ ଜାତ ଦ୍ରବ୍ୟ, ସୂତା ଓ ପଶମ ବସ୍ତ୍ର, କାମିଜ ଭଳି ପୋଷାକ, ଫଳ ରସ, ଚଷମା ଫ୍ରେମ, ଏୟାର କଣ୍ଡିସନର ପ୍ରଭୃତି କେତେକ ସାମଗ୍ରୀ ରୁଷକୁ ରପ୍ତାନି ପାଇଁ ଅଧିକ ସୁବିଧା ମିଳିଛି ।

ଦୁଇ ଦେଶ ମଧ୍ୟରେ ବାଣିଜ୍ୟ କାରବାର କପରି ବୃଦ୍ଧି ପାଇଛି ତାହା ୧୯୫୯—୬୬ ପାଇଁ ଦିଆଯାଇଥିବା ଆମଦାନି-ରପ୍ତାନି ହିସାବରୁ ସ୍ପଷ୍ଟ ହେବ ।

(ନିୟୁତ ଟଙ୍କା ହିସାବରେ)

| ବର୍ଷ | | ଆମଦାନି | ରପ୍ତାନି | ମୋଟ ବାଣିଜ୍ୟ |
|---|---|---|---|---|
| ୯୫୯ | ... | ୧୭୯ | ୩୦୧ | ୪୮୦ |
| ୯୬୦ | ... | ୨୫୦ | ୨୯୦ | ୫୪୦ |
| ୯୬୧ | ... | ୨୫୪ | ୩୧୦ | ୫୬୪ |
| ୯୬୨ | ... | ୫୬୮ | ୩୫୫ | ୯୨୩ |
| ୯୬୩ | ... | ୫୨୩ | ୪୮୨ | ୧,୦୦୫ |
| ୯୬୪ | ... | ୬୯୦ | ୭୫୪ | ୧,୪୪୪ |
| ୯୬୫ | ... | ୮୦୮ | ୮୭୧ | ୧,୬୭୯ |
| ୯୬୬ | ... | ୭୮୨ | ୧,୦୧୬ | ୧,୭୯୮ |

(ଜାନୁଆରୀ—ନଭେମ୍ବର)

ଦ୍ୱିତୀୟ ଓ ତୃତୀୟ ପଞ୍ଚବାର୍ଷିକ ଯୋଜନାକାଳରେ ରୁଷଠାରୁ ଭାରତ ମୋଟ ୩୮୫ କୋଟି ଟଙ୍କା ମୂଲ୍ୟର ଆର୍ଥିକ ସାହାଯ୍ୟ ପାଇଛି । ଋଣ ଆକାରରେ ଯେଉଁ ଅର୍ଥ ମିଳିଛି, ତାହା ଉପରେ ସୁଧ ହାର ଅତି କମ୍ ରଖାଯାଇଛି ଏବଂ ଏହା ୧୨ଟି କିସ୍ତିରେ ଭାରତୀୟ ସାମଗ୍ରୀ ରପ୍ତାନି କରି ସୁଝାଯିବ ।

ରୁଷର ଆର୍ଥିକ ସାହାଯ୍ୟରେ ଗଢ଼ି ଉଠିଥିବା କେତୋଟି ଅନୁଷ୍ଠାନ ହେଲା—ଭିଲାଇ ଇସ୍ପାତ କାରଖାନା, ଦୁର୍ଗାପୁରଠାରେ ଖଣି ଓ ଭର୍‌ସଂସ୍କାର ଯନ୍ତ୍ରପାତି କାରଖାନା, ରାଞ୍ଚିଠାରେ ଭାରି ଯନ୍ତ୍ରପାତି କାରଖାନା, ନେଭେଲିରେ ବିଦ୍ୟୁତ୍ କେନ୍ଦ୍ର, ହରଦ୍ୱାରଠାରେ ଭାରି ବିଦ୍ୟୁତ୍ କାରଖାନା ଏବଂ ଭାରତୀୟ ଔଷଧ ପ୍ରସ୍ତୁତ ପରିକଳ୍ପନା ।

ଏହା ବ୍ୟତୀତ ତୈଳ ସଂପଦର ଅନୁସନ୍ଧାନରେ ରୁଷ ପକ୍ଷରୁ ମଧ୍ୟ ଭାରତକୁ ସାହାଯ୍ୟ ମିଳିଛି ।

## ନୂତନ ଅଧ୍ୟାୟ

ଆମର ସ୍ୱର୍ଗତ ପ୍ରଧାନ ମନ୍ତ୍ରୀ ଶ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ରୁଷ ପରିଦର୍ଶନରେ ପରେ ଭାରତ-ରୁଷ ବାଣିଜ୍ୟ ଓ ଅର୍ଥନୈତିକ ସଂପର୍କରେ ଏକ ନୂତନ ଅଧ୍ୟାୟର ସୂତ୍ରପାତ ହୋଇଛି । ୧୯୬୪ରେ ଯେଉଁ ବାଣିଜ୍ୟ କାରବାର ହୋଇଛି, ତାହା ଯେପରି ୧୯୭୦ ସୁଦ୍ଧା ଦୁଇଗୁଣିତ ହୁଏ, ସେଥିପାଇଁ ମିଳିତ ଉଦ୍ୟୋ... ବୁହାଯାଇଛି ।

ତଦନୁଯାୟୀ ୧୯୭୦ ପର୍ଯ୍ୟନ୍ତ ପାଞ୍ଚବର୍ଷ... ନିମନ୍ତେ ଏକ ନୂଆ ଚୁକ୍ତି ମଧ୍ୟ ସ୍ୱାକ୍ଷରିତ ହୋଇଛି... ଏହି ଚୁକ୍ତି ବଳରେ ଟଙ୍କାର ମୂଲ୍ୟହ୍ରାସ ପୂର୍ବର... ଅନୁଯାୟୀ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ... କୋଟି ଟଙ୍କାରୁ ବୃଦ୍ଧି ପାଇବ । ଅର୍ଥାତ ପ୍ର... ଦେଶ ପାଇଁ ୧,୦୨୪ କୋଟି ଟଙ୍କା ହେବ । ପୂ... ପାଞ୍ଚବର୍ଷରେ ଏହି ପରିମାଣ ରହିଛି ଉଭୟ... ମଧ୍ୟରେ ୫୭୨ କୋଟି ଟଙ୍କା ।

୧୯୬୬ରୁ ୧୯୭୦ ମଧ୍ୟରେ ଅଧିକ ଭା... ସାମଗ୍ରୀ ଭାରତରୁ ଆମଦାନି କରିବାକୁ ରୁଷ ରା... ହୋଇଛି । ମୋଟ ରପ୍ତାନିର ଶତକଡ଼ା ୪୦ରୁ ୫... ତିଆରି ସାମଗ୍ରୀ ହେବ । ରୁଷ ଯେଉଁ ସବୁ ଆ... ରପ୍ତାନି କରିବ, ସେଥିମଧ୍ୟରେ ବିଦ୍ୟୁତ ଚା... ରେଫ୍ରିଜରେଟର, ବିଦ୍ୟୁତ ପଙ୍ଖା, ଯନ୍ତ୍ରପାତି, କ... ପାଇଁ ଯନ୍ତ୍ରପାତି, ଏୟାରକଣ୍ଡିସନର, ପ୍ଲାଷ୍ଟି... ବାର୍ଣ୍ଣିସ୍, ଇସ୍ପାତ ଓ କାଠ ଆସବାବପତ୍ର, ପ୍ରସା... ଦ୍ରବ୍ୟ, ମେସିନ ତିଆରି କାର୍ପେଟ, କୃତ୍ରିମ ରେଶ... ଯୋତା ପ୍ରଭୃତି ଉଲ୍ଲେଖଯୋଗ୍ୟ ।

ବାଣିଜ୍ୟ ଓ ଅର୍ଥନୈତିକ କ୍ଷେତ୍ରରେ ଦୁଇ ... ମଧ୍ୟରେ ବନ୍ଧୁତ୍ୱ ଓ ପାରସ୍ପରିକ ସହଯୋଗ ... ଦିନ ବୃଦ୍ଧି ପାଉଛି ।

"ମୋର ଆଶା ଓ ବିଶ୍ୱାସ ଯେ ଆମ ଦୁଇ ଦେଶ ମଧ୍ୟରେ ଥିବା ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ବିଶ୍ୱରେ ଶାନ୍ତି ଓ ଶୃଙ୍ଖଳା ସୃଷ୍ଟି କରିବାରେ ସହାୟକ ହେବ । ସୋଭିଏଟ୍ ରୁଷ ଓ ଭାରତ ମଧ୍ୟରେ ଥିବା ବନ୍ଧୁତ୍ୱ ବିଶ୍ୱର ବିଭିନ୍ନ ଦେଶମାନଙ୍କ ମଧ୍ୟରେ ବୁଝାମଣା ଓ ସହଯୋଗ ସ୍ଥାପନ ପାଇଁ ଏକ ସୁଦୃଢ଼ ଭିତ୍ତି ସ୍ଥାପନ କରିବ" ।

ଲାଲ୍‌ବାହାଦୁର ଶାସ୍ତ୍ରୀ—

# ଖାଦ୍ୟ ଉତ୍ପାଦନ ବଢ଼ାଇବା ଅତ୍ୟାବଶ୍ୟକ

## ଶ୍ରୀ ଜଗଜ୍ଜୀବନ ରାମ

୧୯୬୭, ଅପ୍ରେଲ ୧୧ ତାରିଖରେ ଜାତି
ଉଦ୍ଦେଶ୍ୟରେ ଏକ ବେତାର ଭାଷଣ ଦେଇ କେନ୍ଦ୍ର
ଖାଦ୍ୟ ଓ କୃଷି ମନ୍ତ୍ରୀ ଶ୍ରୀ ଜଗଜ୍ଜୀବନ ରାମ ଯେଉଁ ସବୁ
ଞ୍ଚଳରେ ଖାଦ୍ୟ ଉତ୍ପାଦନ ବଢ଼ିବାର ସୁବିଧା ରହିଛି
ସେସବୁ ସ୍ଥାନରେ ଶୀଘ୍ର ଖାଦ୍ୟ ଉତ୍ପାଦନ ବଢ଼ାଇବା
ଇଁ ସମଗ୍ର ଦେଶର କୃଷୀମାନଙ୍କୁ ଆବେଦନ
କରିଥିଲେ । ଚିରାଚରିତ ଚାଷ ପଦ୍ଧତି ଛାଡ଼ି ଅଳ୍ପ ସମୟ
ଧ୍ୟରେ ଅଧିକ ଫଳପ୍ରସୂ ହେଉଥିବା ଭଳି ଫସଲ ଚାଷ
କରିବା ପାଇଁ ସେ ଅନୁରୋଧ କରିଥିଲେ । ଏହା
ଳରେ ଜୁଲାଇ ଓ ଅଗଷ୍ଟ ମାସ ପୂର୍ବରୁ ଯଦି କେତେ
ଜାର ଟନ୍ ଖାଦ୍ୟଶସ୍ୟ ହାତକୁ ଆସିଯାଏ ତେବେ
ଦ୍ୟ ସାମ୍ମୁଖ୍ୟରେ ଯେଉଁ ଅସୁବିଧା ଦେଖା ଦେଉଛି
ହାକୁ ଆଂଶିକ ଭାବରେ ଘୁଞ୍ଚାଇ ହେବ ।

ସେ କହିଲେ, ଲାଗ ଲାଗ ଦୁଇ ବର୍ଷ ଧରି ଅନାବୃଷ୍ଟି
ାଗି ଦେଶର ଖାଦ୍ୟ ପରିସ୍ଥିତିରେ ଯେଉଁ ଅବନତି
ଛି ସେ ଦୃଷ୍ଟିରୁ ଦେଶର କୋଟି କୋଟି ଚାଷୀ ଚାଷ
ତିର ଆମୂଳ ପରିବର୍ତ୍ତନ କରିବା ଦରକାର ।
ାହେଲେ ଯେଉଁ ସବୁ ଅଞ୍ଚଳରେ ଫସଲ
ିବାର ସୁବିଧା ସୁଯୋଗ ରହିଛି ସେଠାରେ କୃଷି
ଦନ ଦ୍ରୁତ ବୃଦ୍ଧି କରାଯାଇ ପାରିବ । ଖାଦ୍ୟାଭାବକୁ
ତଃ ଆଂଶିକ ଭାବରେ ଘୁଞ୍ଚାଇବା ପାଇଁ ଜୁଲାଇ ଓ
ଷ୍ଟ ମାସ ପୂର୍ବରୁ କେତେ ହଜାର ଟନ୍ ଖାଦ୍ୟ ଶସ୍ୟ
କୁ ଆଣିବା ଅତ୍ୟାବଶ୍ୟକ ହୋଇ ପଡ଼ିଲାଣି ।

ସେ ପୁଣି କହିଲେ, କେବଳ ସଘନ ଚାଷ ପଦ୍ଧତିରେ
, ପ୍ରତି ଏକର ଜମିରେ ଅଧିକ ରକମର ଫସଲ
ଇ ଖାଦ୍ୟ ଉତ୍ପାଦନ ବୃଦ୍ଧି କରାଯାଇ ପାରିବ ।
ସମୟ ମଧ୍ୟରେ ଅମଳ ହେଉଥିବା ଏବଂ ଅଧିକ
ସୂ ଶସ୍ୟ ଚାଷ କରିବାଦ୍ୱାରା ଏହା ସମ୍ଭବ ହେବ ।

ଲୋକମାନଙ୍କୁ ପୁଷ୍ଟିସାର ଯୋଗାଇବା ଦୃଷ୍ଟିରୁ ଗ୍ରୀଷ୍ମ କାଳରେ (ଏପ୍ରିଲରୁ ଜୁନ୍) ପନିପରିବା ଚାଷ କରାଯାଇ ପାରିବ । ଦେଶରେ ଜାତ ହେଉଥିବା ଅଧିକାଂଶ ପନିପରିବା ଗ୍ରୀଷ୍ମ କାଳରେ ଚାଷ ହୋଇ ପାରିବ । ତାଜା ପନିପରିବା ନମିଳୁଥିବା ସମୟରେ ଏହି ଚାଷ କଲେ ଚାଷୀକୁ ଅଧିକ ମୂଲ୍ୟ ମିଳିବାର ସୁବିଧା ମଧ୍ୟ ରହିଛି । ବର୍ତ୍ତମାନ ପରିସ୍ଥିତି ଦୃଷ୍ଟିରୁ ଯେଉଁ ସବୁ ଅଞ୍ଚଳରେ ଜଳ ସୁବିଧା ଅଛି ସେଠାରେ ଦୁଇଟି ପ୍ରଧାନ ଫସଲ ମଧ୍ୟରେ ଗୋଟିଏ ସ୍ୱଳ୍ପ ମିଆଦି ଫସଲ ଉଠାଇବା ଅତି ଆବଶ୍ୟକ ହୋଇ ପଡ଼ିଛି । ବୈଷୟିକ ଦୃଷ୍ଟିରୁ ଏହା ସମ୍ଭବ ମଧ୍ୟ । ଏଭଳି କାର୍ଯ୍ୟକ୍ରମ ହାତକୁ ନେବାପାଇଁ ସମସ୍ତ ରାଜ୍ୟ ସରକାରଙ୍କୁ ଭାରତ ସରକାର ପରାମର୍ଶ ଦେଇଛନ୍ତି । ହୋଇପାରେ, କେତେକ ରାଜ୍ୟରେ ଏଥିପାଇଁ ତୁରନ୍ତ ବିହନ ମିଳି ନ ପାରେ । ତେଣୁ ସେ କ୍ଷେତ୍ରରେ କେନ୍ଦ୍ର ସରକାର ଅନ୍ୟ ରାଜ୍ୟରୁ ବିହନ ଆଣି ଯୋଗାଇ ଦେବାକୁ ଚେଷ୍ଟା କରିବେ ।

ତେଣୁ ଚଳିତ ରବି ଫସଲ ଉଠିଯିବା ସଙ୍ଗେ ସଙ୍ଗେ ସ୍ୱଳ୍ପମିଆଦି ଫସଲ ବୁଣି ଖାଦ୍ୟ ସମସ୍ୟାର ମୁକାବିଲା କରିବାପାଇଁ ମୁଁ ସମଗ୍ର ଦେଶର କୃଷୀକୂଳଙ୍କୁ ଆବେଦନ କରୁଛି । ଏଭଳି ଫସଲ ହେବା ଭଳି ଇଞ୍ଚେ ସୁଦ୍ଧା ଜମି ଯେପରି ପଡ଼ିଆ ନ ପଡ଼େ ସେ ଦିଗରେ କୃଷୀମାନେ ଚେଷ୍ଟିତ ହେବା ଦରକାର । ଆମ୍ଭମାନଙ୍କ ମିଳିତ ପ୍ରଚେଷ୍ଟା ବଳରେ ଆଜି ଆମେ ଯେଉଁ ଉତ୍କଟ ଖାଦ୍ୟାଭାବର ସମ୍ମୁଖୀନ ହୋଇଛୁ ତାହା ବହୁ ପରିମାଣରେ ଅତିକ୍ରମ କରି ଯାଇ ପାରିବା ବୋଲି ମୋର ବିଶ୍ୱାସ ।

# ଓଡ଼ିଶାରେ ଗର୍ଭନିରୋଧୀ ଅସ୍ତ୍ରୋପଚାର

ଗତ ୧୯୭୬-୭୭ ଆର୍ଥିକ ବର୍ଷରେ ଓଡ଼ିଶାରେ ୭୯,୦୮୯ ଗର୍ଭନିରୋଧୀ ଅସ୍ତ୍ରୋପଚାର ... ଏଥିପାଇଁ କେନ୍ଦ୍ର ସରକାର ଧାର୍ଯ୍ୟ କରିଥିବା ଲକ୍ଷ୍ୟର ଏହା ଶତକଡ଼ା ୧୦୬.୭ ଏବଂ ରାଜ୍ୟ ସରକାର ... କରିଥିବା ଲକ୍ଷ୍ୟର ଶତକଡ଼ା ୧୦୧ । ଏହି ବର୍ଷ ଓଡ଼ିଶାରେ ୭୪,୦୪୦ ଗର୍ଭନିରୋଧୀ ଅସ୍ତ୍ରୋପଚାର ଦେବା... କେନ୍ଦ୍ର ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ । ରାଜ୍ୟ ସରକାର ଏହି ପରିମାଣ ବଢ଼ାଇ ୭୮,୩୪୮ ରଖିଥି...

ହିସାବରୁ ଜଣାଯାଏ ଯେ ପ୍ରତି ହଜାର ଲୋକରେ ସ୍ବର ଜଣ ଏହି ରାଜ୍ୟରେ ଗର୍ଭନିରୋଧୀ ଅସ୍ତ୍ରୋ... କରିଛନ୍ତି । ୧୩ଟି ଜିଲ୍ଲାରୁ ୮ଟି ଜିଲ୍ଲାରେ ଧାର୍ଯ୍ୟ ଲକ୍ଷ୍ୟ ତୁଳନାରେ ଅଧିକ ଅସ୍ତ୍ରୋପଚାର କରା... ଏଥିମଧ୍ୟରୁ ସମ୍ବଲପୁର ଜିଲ୍ଲାରେ ସର୍ବାଧିକ ଏବଂ ବାଲେଶ୍ୱର ଜିଲ୍ଲାରେ ସବୁଠାରୁ କମ୍ ଅସ୍ତ୍ରୋପଚାର ... ନିମ୍ନରେ ଜିଲ୍ଲା ୱାରି ହିସାବ ପ୍ରଦତ୍ତ ହେଲା ।

| ଜିଲ୍ଲା | ୧୯୭୬-୭୭ର ଲକ୍ଷ୍ୟ | ୧୯୭୬-୭୭ରେ ପ୍ରକୃତରେ ହୋଇଛି | ଶତକଡ଼ା ହି... |
|---|---|---|---|
| ସମ୍ବଲପୁର | ୬,୬୨୦ | ୧୪,୧୫୩ | ୨୧... |
| ସୁନ୍ଦରଗଡ଼ | ୩,୬୨୪ | ୭,୧୦୧ | ୧୯... |
| ଫୁଲବାଣୀ | ୨,୨୨୪ | ୩,୯୭୭ | ୧୭... |
| କଳାହାଣ୍ଡି | ୪,୦୬୪ | ୬,୦୫୪ | ୧୩... |
| ବଲାଙ୍ଗିର | ୪,୬୦୦ | ୬,୩୦୬ | ୧୩... |
| କୋରାପୁଟ | ୬,୬୩୭ | ୮,୨୬୧ | ୧୨... |
| ଢେଙ୍କାନାଳ | ୪,୬୬୪ | ୫,୫୦୫ | ୧୧... |
| ମୟୂରଭଞ୍ଜ | ୫,୩୦୮ | ୫,୭୨୯ | ୧୦... |
| ଗଞ୍ଜାମ | ୮,୧୯୨ | ୬,୭୮୮ | ୮... |
| ପୁରୀ | ୮,୨୮୪ | ୪,୨୭୮ | ୫... |
| କଟକ | ୧୩,୭୨୦ | ୬,୩୭୭ | ୪... |
| ବାଲେଶ୍ୱର | ୬,୫୨୮ | ୩,୦୩୦ | ୪... |
| କେନ୍ଦୁଝର | ୩,୪୦୪ | ୧,୫୯୧ | ୪... |

# ଆମ ରାଜ୍ୟ

## ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଦରଖାସ୍ତ

ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରତିଦିନ ଓଡ଼ିଶାର ସବୁଆଡ଼ୁ ବହୁ ଦରଖାସ୍ତ ଆସୁଛି । ସେସବୁ ଦରଖାସ୍ତଗୁଡ଼ିକର ପ୍ରାପ୍ତି ସ୍ୱୀକାର କରାଯାଉଛି ଏବଂ ସେ ସମ୍ବନ୍ଧରେ କି କାର୍ଯ୍ୟାନୁଷ୍ଠାନ କରାଗଲା ତାହା ଦରଖାସ୍ତକାରୀଙ୍କୁ ଜଣାଇ ଦିଆଯାଉଛି । ଅନେକ ଦରଖାସ୍ତରେ ପୂରା ଠିକଣା ନଥିବାରୁ ସେମାନଙ୍କୁ ପ୍ରାପ୍ତି ସ୍ୱୀକାର ପତ୍ର ପଠାଇବା ସମ୍ଭବ ହେଉନାହିଁ । ତେଣୁ ଦରଖାସ୍ତକାରୀମାନଙ୍କୁ ଅନୁରୋଧ ଯେ ସେମାନେ ନିଜର ଗ୍ରାମ, ପୋଷ୍ଟ ଅଫିସ୍, ଜିଲ୍ଲାର ନାମ ଓ ନିଜର ପୂରାନାମ ପରିଷ୍କାରଭାବରେ ଲେଖିବା ନିତାନ୍ତ ଆବଶ୍ୟକ । ଯେଉଁ ଦରଖାସ୍ତରେ ଗ୍ରାମର ବହୁଲୋକ ଦସ୍ତଖତକରି ପଠାଉଛନ୍ତି ସେଥିରେ ଯାହାଙ୍କ ପାଖକୁ ଉତ୍ତର ପଠାଯିବ ତାଙ୍କର ପୂର୍ଣ୍ଣ ଠିକଣା ଥିବା ଦରକାର । ଏହିଭଳି ଦରଖାସ୍ତମାନଙ୍କରେ ପୂର୍ଣ୍ଣ ଠିକଣା ନଥିବା ଯୋଗୁଁ ସେଗୁଡ଼ିକର ପ୍ରାପ୍ତି ସ୍ୱୀକାର ପତ୍ର ଫେରି ଆସୁଛି । କେତେକ ଦରଖାସ୍ତରେ ଏକାଧିକ ବିଷୟ ଉଲ୍ଲେଖ କରାଯାଉଛି । ସେହି ଦରଖାସ୍ତଗୁଡ଼ିକ ବିଭିନ୍ନ ସରକାରୀ କର୍ମଚାରୀଙ୍କ ନିକଟକୁ ପଠାଇବାକୁ ଅସୁବିଧା ହେଉଛି କାରଣ ଗୋଟିଏ ଦରଖାସ୍ତ କେବଳ ଜଣେ ସରକାରୀ କର୍ମଚାରୀଙ୍କ ନିକଟକୁ ପଠାଯାଇପାରିବ । ଦରଖାସ୍ତକାରୀମାନେ ଗୋଟିଏ ଦରଖାସ୍ତରେ କେବଳ ଗୋଟିଏ ବିଷୟ ଲେଖିଥିଲେ ତାହା ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ସୁବିଧା ହେବ । ଆଉ ଗୋଟିଏ କଥା ଯେ କେତେକ ଦରଖାସ୍ତକାରୀ ନିଜ ଦରଖାସ୍ତରେ କୋର୍ଟ ଫି ମାରି ପଠାଉଛନ୍ତି । ଏପରି କରିବା ଦରକାର ନାହିଁ । କେବଳ ସାଦା କାଗଜରେ ଦରଖାସ୍ତ ଲେଖି ପଠାଇଦେଲେ ହେବ ।

ଦରଖାସ୍ତକାରୀମାନଙ୍କୁ ଅନୁରୋଧ ଯେ ସେମାନେ ଦରଖାସ୍ତଗୁଡ଼ିକ ପଢ଼ି ହେବାଭଳି ପରିଷ୍କାରଭାବରେ ଲେଖିବେ, ସେଥିରେ ପୂରା ଠିକଣା ଦେବେ ଏବଂ ଗୋଟିଏ ଦରଖାସ୍ତରେ ଗୋଟିଏ ମାତ୍ର ବିଷୟ ଉଲ୍ଲେଖ କରିବେ । କୌଣସି ଦରଖାସ୍ତରେ କୋର୍ଟ ଫି ମାରିବା ଦରକାର ନାହିଁ ।

## ସିମେଣ୍ଟ ବଣ୍ଟନ

ସିମେଣ୍ଟ ମହଜୁଦକାରୀମାନଙ୍କ ଜରିଆରେ ସର୍ବସାଧାରଣଙ୍କୁ ସିମେଣ୍ଟ ଯୋଗାଇ ଦେବା ଉଦ୍ଦେଶ୍ୟରେ ବଣ୍ଟନ ପ୍ରଣାଳୀର ଉନ୍ନତି ବିଧାନ କରିବା ଲାଗି ୧୯୬୭ ମସିହା ଅକ୍ଟୋବର ପହିଲା ତାରିଖଠାରୁ ସିମେଣ୍ଟ ବଣ୍ଟନ ଓ ସମନ୍ୱୟ ସଂସ୍ଥା ଦ୍ୱାରା ନିମ୍ନଲିଖିତ ନୂତନ ପ୍ରଣାଳୀ ପ୍ରବର୍ତ୍ତନ କରାଯାଉଛି ।

### ରେଜିଷ୍ଟ୍ରିକରଣ

**ଛୋଟ ଛୋଟ ମରାମତି**—ଭଡ଼ାଦାରମାନଙ୍କଠାରୁ ଓ ଗୃହମାଲିକମାନଙ୍କ ଦ୍ୱାରା ଯଥାକ୍ରମେ ୨ ବସ୍ତା ଓ ୫ ବସ୍ତା ସିମେଣ୍ଟ ସକାଶେ ଦାଖଲ କରାଯାଉଥିବା ଦରଖାସ୍ତଗୁଡ଼ିକୁ ରେଜିଷ୍ଟ୍ରି କରିବା ଦରକାର ପଡ଼ିବ ନାହିଁ । ଷ୍ଟାଣ୍ଡାର୍ଡ଼ ଫର୍ମରେ ସବୁ ଦରଖାସ୍ତ ଦେବା

ଆବଶ୍ୟକ । ଏହି ଫର୍ମଗୁଡ଼ିକ ସିମେଣ୍ଟ ମହଜୁଦକାରୀ-ମାନଙ୍କଠାରୁ ମିଳିପାରିବ ।

ଏହାସବୁ ଦରଖାସ୍ତଗୁଡ଼ିକ ସହିତ ଶେଷ ପଇଠଥିବା ରସିଦ, ଇଲେକ୍ଟ୍ରିସିଟି ବିଲ, ଭଡ଼ାଘରେ ହୋଇଥିଲେ ଜଳକର ବିଲ ଓ ଘର ମାଲିକ ହୋଇଥିଲେ ଘର ଟିକସ ବିଲ ଦାଖଲ କରିବାକୁ ହେବ । ଉକ୍ତ ଦରଖାସ୍ତଗୁଡ଼ିକୁ ମହଜୁଦକାରୀମାନେ ଗ୍ରହଣକରି ସ୍ୱୀକାରୋକ୍ତି ପ୍ରଦାନ କରିବା ସଙ୍ଗେ ସଙ୍ଗେ ଗୋଟିଏ ରେଜିଷ୍ଟ୍ରେସନ ନମ୍ବର ପ୍ରଦାନ କରିବେ । ଯେଉଁ ଦରଖାସ୍ତଗୁଡ଼ିକ ପ୍ରଥମେ ଆସିଥିବ ସେଗୁଡ଼ିକ ବିଷୟ ପ୍ରଥମେ ବିଚାର କରାଯିବ ।

ନୂତନ ନିର୍ମାଣ, ସମ୍ପ୍ରସାରଣ ଓ ଅଦଳ ବଦଳ ଏବଂ ବଡ଼ ବଡ଼ ମରାମତି କାର୍ଯ୍ୟ ପାଇଁ ।

'କ' ଟାଇପ୍ ସହର ସକାଶେ ଥରକେ ୧,୦୦୦ ବ୍ୟାଗ୍ ଓ 'ଖ' ଟାଇପ୍ ସହର ସକାଶେ ୫୦୦ ବ୍ୟାଗ୍ ସିମେଣ୍ଟ ପାଇଁ ରେଜିଷ୍ଟ୍ରି କରାଯାଇପାରିବ ।

(ଜିଲ୍ଲା ସଦର ମହକୁମା, ରାଜ୍ୟ ରାଜଧାନୀ, ବଡ଼ ବଡ଼ ଶିଳ୍ପ ସହରମାନ 'କ' ଟାଇପ୍‌ର ଅନ୍ତର୍ଭୁକ୍ତ ଏବଂ ଅନ୍ୟାନ୍ୟ ସବୁ ସହରଗୁଡ଼ିକ 'ଖ' ଟାଇପ୍‌ର ଅନ୍ତର୍ଭୁକ୍ତ) ।

ନିର୍ଦ୍ଧାରିତ ଫର୍ମରେ ଆସିଥିବା ସବୁ ଦରଖାସ୍ତ-ଗୁଡ଼ିକ ମହଜୁଦକାରୀ ଯଥାଯଥଭାବେ ରେଜିଷ୍ଟ୍ରି କରିବେ । ରେଜିଷ୍ଟ୍ରି ପାଇଁ ଆସିଥିବା ପ୍ରତ୍ୟେକ ଦରଖାସ୍ତ ଉପରେ ଗୋଟିଏ ରେଜିଷ୍ଟ୍ରି ନମ୍ବର ଓ ରେଜିଷ୍ଟ୍ରି ହେବା ତାରିଖ ରହିବ ଏବଂ ଦରଖାସ୍ତ-କାରୀଙ୍କୁ ତାହାର ରେଜିଷ୍ଟ୍ରି ନମ୍ବର ଜଣାଇ ଦିଆଯାଇ ଏକ ପ୍ରାପ୍ତି ସ୍ୱୀକାର ପତ୍ର ଦିଆଯିବ ।

## ଯୋଗାଣ ବ୍ୟବସ୍ଥା

ଛୋଟ ଛୋଟ ମରାମତି କାର୍ଯ୍ୟ ସକାଶେ—ଏହି କାର୍ଯ୍ୟଗୁଡ଼ିକ ସକାଶେ ଯଥା ସମ୍ଭବ ସିମେଣ୍ଟ ତୁରନ୍ତ ଯୋଗାଇ ଦିଆଯିବ । ଯେଉଁଠାରେ ତୁରନ୍ତ ଯୋଗା- ହେବା ସମ୍ଭବପର ନୁହେଁ ସେପରି ସ୍ଥଳେ ଦରଖାସ୍ତକା- ନିଜ ଠିକଣା ଲେଖାଥିବା ଖଣ୍ଡିଏ ଇନ୍‌ଲାଣ୍ଡ ଲେଟ- ପୋଷ୍ଟକାର୍ଡ ମହଜୁଦକାରୀଙ୍କୁ ଦେଇଥିବେ, ଯଦ୍ୱାରା ନୂତନ ସିମେଣ୍ଟ ଆସିଲେ ଦରଖାସ୍ତକାରୀଙ୍କୁ କେଉଁ ଦି- ସିମେଣ୍ଟ ଯୋଗାଇ ଦିଆଯିବ ତାହା ଜଣାଇବା- ସୁବିଧାଜନକ ହେବ ।

## ନୂତନ କୋଠାବାଡ଼ି ନିର୍ମାଣ, ପୁରୁଣା କୋଠାର ଅଦଳ ବଦଳ ଓ ବଡ଼ ବଡ଼ ମରାମତି କାର୍ଯ୍ୟ ସକାଶେ ସିମେଣ୍ଟ କୋ-

'କ' ଟାଇପ୍ ସହର—ଥରକେ ୧୨୦ ବସ୍ତା ଏ- ଛଅମାସ ମଧ୍ୟରେ ସର୍ବୋଚ୍ଚ ୧,୨୦୦ ବସ୍ତା ସିମେଣ୍ଟ- ଅଧିକ ଦିଆଯିବ ନାହିଁ । 'ଖ' ଟାଇପ୍ ସହର—ଥରକେ ୬୦ ବସ୍ତା ଓ ୬ ମାସରେ ସର୍ବୋଚ୍ଚ ୫- ବସ୍ତାରୁ ଅଧିକ ଦିଆଯିବ ନାହିଁ ।

ଯଦି ତୁରନ୍ତ ସିମେଣ୍ଟ ପଠାଇବା ସମ୍ଭବପର ନ ହୁଏ, ତାହାହେଲେ ଦରଖାସ୍ତକାରୀ ନିଜ ଠିକଣା ଲେଖା ଥିବା ଖଣ୍ଡିଏ ଇନ୍‌ଲାଣ୍ଡ ଲେଟର/ପୋଷ୍ଟକାର୍ଡ ସିମେଣ୍ଟ ମହଜୁଦକାରୀଙ୍କୁ ଦେଇଥିବେ । ମହଜୁଦକାରୀ ସିମେଣ୍ଟ ପହଞ୍ଚିଲେ, ସିମେଣ୍ଟ କେଉଁ ତାରିଖରେ ଯୋଗାଇ ଦିଆଯାଇପାରିବ, ତାହା ସାର୍ଟିଫିକେଟ୍ ଅଫ୍ ପୋଷ୍ଟିଂରେ ଜଣାଇବାକୁ ସମର୍ଥ ହୋଇ ପାରିବେ ।

ସବୁବେଳେ ବିକ୍ରୟ ସମୟରେ, କ୍ୟାସମେମୋ ମହଜୁଦକାରୀଙ୍କ ଦ୍ୱାରା ପ୍ରଦାନ କରାଯିବ । ମହଜୁଦ-କାରୀମାନେ ସେମାନଙ୍କ ଦୋକାନ ଦ୍ୱାରା ମଧ୍ୟରେ ଉଲ୍ଲେଖଯୋଗ୍ୟ ସ୍ଥାନରେ ସେମାନଙ୍କଠାରେ ମହଜୁ- ଥିବା ସିମେଣ୍ଟର ପରିମାଣ ଓ ଦର ସମ୍ପର୍କରେ ମଧ୍ୟ ଉଲ୍ଲେଖ କରିବେ ।

ଯେଉଁଠି ସିମେଣ୍ଟର ପରିମାଣ ଦୁଇ ଓ୍ୱାଗନରୁ ଅଧିକ ହୋଇ ନଥିବ ଓ ତାହାକୁ ଇଞ୍ଜିନିୟରୀ-

ସୁପରଭାଇଜରମାନେ ଯଥାର୍ଥ ଅବସ୍ଥାରେ ଅନୁମୋଦନ କରିଥିବେ, ସେଗୁଡ଼ିକ କ୍ଷେତ୍ରରେ ଉକ୍ତ ସିମେଣ୍ଟ ମହଜୁଦ୍‌କାରୀମାନେ ଯୋଗାଇ ଦେବେ । ଏହାଠାରୁ ଅଧିକ ପରିମାଣର ଚାହିଦା ହୋଇଥିଲେ ସିମେଣ୍ଟ ଉତ୍ପାଦନକାରୀ ବା ବିକ୍ରୟକାରୀ ଏଜେଣ୍ଟମାନେ ଯୋଗାଇ ଦେବେ ।

ସିମେଣ୍ଟ ଯୋଗାଣକାରୀମାନଙ୍କଠାରୁ ଶୁଣିବାକୁ ମିଳୁଛି ଯେ ବର୍ତ୍ତମାନ ସିମେଣ୍ଟର ଅଭାବ ନାହିଁ ଓ ଯଦି ସିମେଣ୍ଟ ଆବଶ୍ୟକ କରୁଥିବା ବ୍ୟକ୍ତିମାନେ ଉପରୋକ୍ତ କାର୍ଯ୍ୟ ବିଧି ପାଳନ କରନ୍ତି ତାହାହେଲେ ଉଚିତ ସମୟ ମଧ୍ୟରେ ସିମେଣ୍ଟ ଯୋଗାଇ ଦିଆଯିବାର ଆଶା କରାଯାଏ ।

ସଂଶୋଧିତ ବଣ୍ଟନ ପ୍ରଣାଳୀ ଅନୁଯାୟୀ ଆବଶ୍ୟକ ହେଉଥିବା ଉପରୋକ୍ତ ମାତ୍ର ନିୟମଗୁଡ଼ିକ ପାଳନ କରି ସାରିବା ପରେ ମଧ୍ୟ ଯଦି କୌଣସି ମହଜୁଦ୍‌କାରୀଙ୍କ ନିକଟରୁ ସିମେଣ୍ଟ ନ ମିଳେ ତାହାହେଲେ ଦରଖାସ୍ତକାରୀଙ୍କ ଉଚିତ କାର୍ଯ୍ୟାନୁଷ୍ଠାନ ପାଇଁ ଏହି ବିଷୟ ଯୋଗାଣ ବିଭାଗଙ୍କୁ କିମ୍ବା ସ୍ଥାନୀୟ ଯୋଗାଣ ଅଫିସରଙ୍କୁ ଜଣାଇବା ଆବଶ୍ୟକ ।

## ରାଜ୍ୟ ପାଠ୍ୟପୁସ୍ତକ ବଣ୍ଟନ ପଦ୍ଧତିରେ ପରିବର୍ତ୍ତନ

ରାଜ୍ୟ ସରକାରଙ୍କ ଶେଷ ନିଷ୍ପତ୍ତି ଅନୁସାରେ ସରକାରୀ ପାଠ୍ୟପୁସ୍ତକମାନ ସର୍ବସାଧାରଣଙ୍କୁ ଜିଲ୍ଲା ସ୍ତରରେ ବିକ୍ରୟ କରାଯିବ । ସାଧାରଣ ଖରିଦଦାର ମାନଙ୍କୁ ଏକକାଳୀନ ଟ ୧୦୦.୦୦ ବା ତତୋଧିକ ମୂଲ୍ୟର ବହି ଖରିଦ ଉପରେ ଶତକଡ଼ା ଟ ୫.୦୦ ରିହାତି ଦିଆଯିବ । କିନ୍ତୁ ପ୍ରଚଳିତ ପଦ୍ଧତି ଅନୁଯାୟୀ ପ୍ରାଥମିକ ସ୍କୁଲ ଶିକ୍ଷକମାନଙ୍କୁ ପ୍ରତି ବହି ଉପରେ ୫ ପଇସା କମିଶନ ଦିଆଯିବ । ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗ ଆବଶ୍ୟକ କରୁଥିବା ବହି ବ୍ୟତୀତ ଅନ୍ୟ କୌଣସି କ୍ଷେତ୍ରରେ ବାକି ସୂତ୍ରରେ ବହି ବିକ୍ରୟ କରାଯିବ ନାହିଁ ବୋଲି ମଧ୍ୟ ସିଦ୍ଧାନ୍ତ ଗ୍ରହଣ କରାଯାଇଛି ।

ଜିଲ୍ଲା ସ୍ତରରେ ଏହିସବୁ ବହି ବିକ୍ରୟର ସୁବିଧା ନିମନ୍ତେ ଜିଲ୍ଲା ସାମାଜିକ ଶିକ୍ଷା ସଂଗଠକମାନଙ୍କ ଅଫିସ ଗୃହରେ ବିକ୍ରୟ କେନ୍ଦ୍ର ଖୋଲାଯିବ । ପାଠ୍ୟ-ପୁସ୍ତକ ମୁଦ୍ରଣାଳୟ ନିୟନ୍ତ୍ରଣାଧୀନରେ ଭୁବନେଶ୍ୱର ଓ କଟକଠାରେ ଖୋଲାଯାଇଥିବା ବିକ୍ରୟ କେନ୍ଦ୍ର ପୂର୍ବପରି ଖୋଲା ରହିବ । ପ୍ରେସ୍ ପ୍ରିପାରେସନ ଓ ପବ୍ଲିକେସନ କମିଟିର ସମ୍ପାଦକ ଏବଂ ସରକାରୀ ମୁଦ୍ରଣାଳୟର ସୁପରିଣ୍ଟେଣ୍ଡେଣ୍ଟଙ୍କ ଦ୍ୱାରା ପାଠ୍ୟପୁସ୍ତକ ବିକ୍ରୟ ଆଉ କରାଯିବ ନାହିଁ ।

୧୯୬୭ ମସିହା ମେ ମାସ ପହିଲାରୁ ଉପରୋକ୍ତ ବ୍ୟବସ୍ଥା କାର୍ଯ୍ୟକାରୀ ହେବ ।

## ସାଧାରଣ ସ୍ୱାର୍ଥଦୃଷ୍ଟିରୁ ରାଜ୍ୟପାଳଙ୍କ ତ୍ୟାଗ

ଓଡ଼ିଶାର ରାଜ୍ୟପାଳ ଡକ୍ଟର ଅଯୋଧ୍ୟାନାଥ ଖୋସଲା ସାଧାରଣ ସ୍ୱାର୍ଥ ଦୃଷ୍ଟିରୁ ଚଳିତ ମାସରୁ ଆରମ୍ଭ କରି ୧୯୬୭ ସେପ୍ଟେମ୍ବର ୧୫ ତାରିଖ ସୁଦ୍ଧା ତାଙ୍କ ପ୍ରାପ୍ୟ ବେତନରୁ ମାସିକ ଆଉ ଦୁଇହଜାରଟଙ୍କା ଲେଖାଏଁ ତ୍ୟାଗ କରିବାକୁ ସ୍ଥିର କରିଛନ୍ତି । ଓଡ଼ିଶାର ରାଜ୍ୟପାଳ ଦାୟିତ୍ୱ ବହନ କରିବା ଦିନଠାରୁ ନିଜ ବେତନରୁ ଶତକଡ଼ା ୧୦ ଭାଗ ଓ ତାଙ୍କ ପେନସନ ବାବଦରୁ ଟ ୭୯୧.୬୭ ପଇସା ଆଜିଯାଏଁ ସ୍ୱେଚ୍ଛାକୃତ ଭାବରେ ଛାଡ଼ି ଆସୁଥିଲେ । ବର୍ତ୍ତମାନର ସ୍ୱେଚ୍ଛାକୃତ ତ୍ୟାଗ ଫଳରେ ଉପରୋକ୍ତ ମାସଗୁଡ଼ିକ ପାଇଁ ରାଜ୍ୟପାଳ ତାଙ୍କର ମାସିକ ବେତନ ଟ ୫,୫୦୦.୦୦ରୁ ସର୍ବମୋଟ ଟ ୩,୩୯୧.୬୭ ପଇସା ଛାଡ଼ି ଅବଶିଷ୍ଟ ଗ୍ରହଣ କରିବେ ।

## ଚାଉଳ ଚାଲାଣରେ ନିୟନ୍ତ୍ରଣ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଓଡ଼ିଶା ରାଜ୍ୟରୁ ବାହାରକୁ ଧାନ ଓ ଚାଉଳର ବେଆଇନ ଚାଲାଣ ପ୍ରତିରୋଧ କରିବା ଉଦ୍ଦେଶ୍ୟରେ ୧୯୭୬ ମସିହା ଓଡ଼ିଶା ଚାଉଳ (ଚାଲାଣ ନିୟନ୍ତ୍ରଣ) ଆଦେଶନାମାକୁ ୧୯୭୭ ଫେବୃୟାରୀ ୭ ତାରିଖରୁ ସଂଶୋଧିତ କରାଯାଇଛି । ଏଥିରେ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ସରହଦ ଅଞ୍ଚଳକୁ ୫ ମାଇଲ୍ ବା ୮ କିଲୋମିଟରରୁ ୧୬ କିଲୋମିଟର ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି । କିନ୍ତୁ ବର୍ତ୍ତମାନ ପାଇଁ ଅନ୍ୟାନ୍ୟ ଜିଲ୍ଲାର ସରହଦ ଅଞ୍ଚଳ ଯେପରି ୮ କିଲୋମିଟର ରହିଛି ତାହା ସେହିପରି ରହିବ ।

ଆହୁରି ମଧ୍ୟ ୧୯୭୬ ଓଡ଼ିଶା ଚାଉଳ (ଚାଲାଣ ନିୟନ୍ତ୍ରଣ) ଆଦେଶନାମାକୁ ୧୯୭୬ ଡିସେମ୍ବର ... ତାରିଖରେ ସଂଶୋଧନ କରାଯାଇ ସୀମାନ୍ତ ଅଞ୍ଚଳ ... ଯେକୌଣସି ଅଧିବାସୀ ନିଜ ପରିବାରର ବ୍ୟବହାର ନିମନ୍ତେ ସୀମାନ୍ତ ଅଞ୍ଚଳ ବାହାରୁ ୪୦ କିଲୋ... ଚାଉଳ ନେଇ ପାରିବେ ବୋଲି ଯେଉଁ ବ୍ୟବସ୍ଥା ଥିଲା ତାହା ୨୦ କିଲୋଗ୍ରାମକୁ କମାଇ ଦିଆଯାଇଛି ।

## ଓଜନ ଓ ମାପ ଯନ୍ତ୍ରପାତିର ତନଖି

ଜନ ସାଧାରଣ ଜାଣନ୍ତି ଯେ ଓଡ଼ିଶା ମାପ ଓ ଓଜନ (ପ୍ରବର୍ତ୍ତନ) ଆଇନ ଓ ତଦନୁଯାୟୀ ପ୍ରଣୀତ ନିୟମାବଳୀର ବ୍ୟବସ୍ଥା ଅନୁସାରେ ବ୍ୟବସାୟୀମାନଙ୍କ ଦ୍ୱାରା ଦୈନନ୍ଦିନ କାରବାରରେ ବ୍ୟବହୃତ ହେଉଥିବା ପରିମାଣ ମାପ, ଲମ୍ବମାପ ଓ ଅନ୍ୟାନ୍ୟ ମାପ ଏବଂ ପରିମାଣ ଉପକରଣଗୁଡ଼ିକୁ ତନଖି ବା ପୁନଃ ତନଖିକରି ମୋହର ଦେବା ଆବଶ୍ୟକ ହୋଇଥାଏ । ଉକ୍ତ ଆଇନର ୧୧ ଧାରାରେ ଥିବା ବ୍ୟବସ୍ଥା ଅନୁଯାୟୀ ଯେଉଁ ମାପ ବା ଓଜନ ଅଥବା ମାପ ବା ଓଜନ ଯନ୍ତ୍ରର ତନଖି ବା ପୁନଃତନଖି କରାଯାଇ ନାହିଁ ଓ ନିର୍ଦ୍ଧାରିତ ପଦ୍ଧତିରେ ସେଗୁଡ଼ିକ ମୋହର ଦ୍ୱାରା ଚିହ୍ନିତ ହୋଇନାହିଁ ସେହି ଉପକରଣଗୁଡ଼ିକୁ ବ୍ୟବସାୟ ବା ବାଣିଜ୍ୟ ନିମନ୍ତେ ବ୍ୟବହାର କରାଯାଇ ପାରିବ ନାହିଁ । ବ୍ୟବସାୟରେ ବ୍ୟବହୃତ ହେଉଥିବା ଅଧିକାଂଶ ମାପ ଓ ଓଜନ, ଯନ୍ତ୍ରର ପୁନର୍ତନଖିର ସମୟ ଆସିଥିବା ଯୋଗୁଁ ଜନସ୍ୱାର୍ଥ ଦୃଷ୍ଟି କୋଣରୁ ସେଗୁଡ଼ିକୁ ବ୍ୟବହାର କରିବା ଆଇନାନୁମୋଦିତ ହେବ ନାହିଁ । ଦୈନନ୍ଦିନ କିଣା ବିକାରେ ବ୍ୟବହୃତ ମାପ ଓ ଓଜନ ଇତ୍ୟାଦି ସୂଚୀପୂର୍ଣ୍ଣ ଠିକ୍ ଓଜନ ରଖି ନପାରେ ଏବଂ ସାମ୍ପ୍ରତିକ ଭାବରେ ସେଗୁଡ଼ିକୁ ତନଖି ନକରି ବ୍ୟବହାର କରିବା ଦ୍ୱାରା ସେଗୁଡ଼ିକ ସାହାଯ୍ୟରେ ବିକାଯାଉ ହେଉଥିବା ଜିନିଷ ଠିକ୍ ମାପ ବା ଓଜନ ନରହିବାର ଯଥେଷ୍ଟ ସମ୍ଭାବନା ରହିଛି ।

ବାଧ୍ୟବାଧକ ଭାବରେ ପୁନର୍ତନଖି କାର୍ଯ୍ୟ ପରିଚାଳନା କରିବା ଓ ବ୍ୟବସାୟୀମାନଙ୍କର ଓଜନ, ପରିମାଣ ମାପ, ଲମ୍ବମାପ, ଦଣ୍ଡି, ପ୍ଲାଟଫର୍ମ ମେସିନ ଓ୍ୱେ-ବ୍ରିଜ (weigh-bridge), ପେଟ୍ରୋଲ ପମ୍ପ ଏବଂ ଅନ୍ୟାନ୍ୟ ମାପ ଓ ଓଜନ ଯନ୍ତ୍ରଗୁଡ଼ିକୁ ତନଖି କରି ମୋହର ଦେବା ଉଦ୍ଦେଶ୍ୟରେ, ସରକାର ୧୯୭... ଅପ୍ରେଲ ପହିଲାଠାରୁ ଭୁବନେଶ୍ୱର ଅଞ୍ଚଳରେ ବ୍ୟାପକ ଧରଣର ତନଖି ଓ ପରୀକ୍ଷା ଆରମ୍ଭ କରିଛନ୍ତି । ... କେନ୍ଦ୍ରସ୍ଥିତ ଯୋଗାଣ ବିଭାଗ କାର୍ଯ୍ୟାଳୟରେ ପ୍ରତି... ପୂର୍ବାହ୍ଣ ୧୦-୩୦ ମିନିଟରୁ ଅପରାହ୍ଣ ୫ ...

ଇନ୍ଧ୍ୟ ପୁନଃଗଠନର କାମ କରାଯିବାପାଇଁ ବ୍ୟବସ୍ଥା କରାଯାଇଛି । ଧାର୍ଯ୍ୟ ହୋଇଥିବା ତାରିଖମାନଙ୍କରେ ବ୍ୟବସାୟୀମାନେ ସେମାନଙ୍କର ମାପ ଓ ଓଜନ ପ୍ରଭୃତି ଯାଞ୍ଚପାଇଁ ଉପସ୍ଥାପିତ କରିବା ସକାଶେ ଏହି ବ୍ୟାପକ ଅଭିଯାନ ଦାୟିତ୍ୱରେ ଥିବା ଇନସପେକ୍ଟରମାନେ ବ୍ୟବସାୟୀମାନଙ୍କୁ ଅନୁରୋଧ ଜଣାଇ ଏକ ଘୋଷଣା ପ୍ରକାଶ କରିଛନ୍ତି । ବ୍ୟବସାୟୀ-ମାନେ ସେମାନଙ୍କର ମାପ ଓ ଓଜନ ପ୍ରଭୃତି ଜଣେ ଲାଇସେନସପ୍ରାପ୍ତ ମରାମତିକାରୀଙ୍କଠାରୁ ମରାମତି କରିନେବାପାଇଁ ବ୍ୟବସ୍ଥା କରାଯାଇଛି ।

ପ୍ରକାଶିତ ହୋଇଥିବା ଘୋଷଣା ଅନୁସାରେ ବ୍ୟବସାୟୀମାନଙ୍କୁ ଅନୁରୋଧ ଯେ, ନିର୍ଦ୍ଦିଷ୍ଟ ତାରିଖରେ ସେମାନଙ୍କର ମାପ ଓ ଓଜନ ପ୍ରଭୃତି ପୁନଃଗଠନପାଇଁ ଦାଖଲ କରି ଏବଂ ଆବଶ୍ୟକ ସ୍ଥଳେ ଅର୍ଥ ଖର୍ଚ୍ଚ କରି ମରାମତିକାରୀଙ୍କଠାରୁ ସେମାନଙ୍କର ମାପ ଓ ଓଜନ ପ୍ରଭୃତି ମରାମତି କରାଇ ନିଅନ୍ତୁ । ଉକ୍ତ ଘୋଷଣା ପ୍ରକାଶିତ ହେଲାପରେ ମଧ୍ୟ ଯଦି କୌଣସି ବ୍ୟବସାୟୀ ନିଜର ମାପ ଓ ଓଜନ ଯାଞ୍ଚ ନ କରାଇ ଓ ମୋହର ନଦେଇ ପ୍ରଚଳନ କରନ୍ତି, ତାହାହେଲେ ଆଇନ ଅନୁସାରେ ତାଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ଏତଦ୍ଦ୍ୱାରା ପୁନର୍ବାର ଜଣାଇ ଦିଆଯାଉଛି । କଣା ବଜାରେ ବ୍ୟବହୃତ ହେଉଥିବା ଓଜନ, ମାପ, ଦଣ୍ଡି ପ୍ରଭୃତି ଓଜନ ଓ ମାପ ବିଭାଗର କର୍ମଚାରୀଙ୍କ ଦ୍ୱାରା ଉତ୍ତମ ରୂପେ ଯାଞ୍ଚ କରାଯାଇଥିବା ଓ ମୋହର ହୋଇଥିବା ସଂପର୍କରେ ପୂର୍ଣ୍ଣ ବିଶ୍ୱାସ ଆସିବାପାଇଁ ଜନସାଧାରଣ ଏଗୁଡ଼ିକୁ ପରୀକ୍ଷା କରି ଦେଖିବାକୁ ଅନୁରୋଧ କରାଯାଉଛି । ଆଉ ମଧ୍ୟ ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି ଯେ ଓଜନ ଓ ମାପ ବିଭାଗ ଦ୍ୱାରା ପରୀକ୍ଷା କରାଯାଇଥିବା ପ୍ରତ୍ୟେକ ଓଜନ ଓ ମାପ କିମ୍ବା ଦଣ୍ଡି ଉପରେ ଯାଞ୍ଚ କରାଯାଇଥିବାର ପ୍ରମାଣ ସ୍ୱରୂପ ମୋହର ମରାଯାଇଥାଏ ଏବଂ ସଂପୃକ୍ତ ଓଜନ ଓ ମାପ ଯନ୍ତ୍ରର ମାଲିକ କିମ୍ବା ବ୍ୟବହାରକାରୀଙ୍କୁ ଏକ ପ୍ରମାଣପତ୍ର ମଧ୍ୟ ଦିଆ ଯାଇଥାଏ ।

## ଅପରାଧ ଓ ଦଣ୍ଡବିଧାନ

୧୯୬୭ ଫେବୃଆରୀ ମାସ ମଧ୍ୟରେ ରାଜ୍ୟ ଦୁର୍ନୀତି ବାରଣ ବିଭାଗ ୨ ଜଣ ଗେଜେଟେଡ଼ ଅଫିସର ଓ ଜଣେ ଅଣ ଗେଜେଟେଡ଼୍ ଅଫିସର ସମ୍ପୃକ୍ତ ଥିବା ...ଟି ଘଟଣା ଓ ୯ ଜଣ ଅଣ ଗେଜେଟେଡ଼୍ ...ଫିସର ଦୁର୍ନୀତି କାର୍ଯ୍ୟରେ ସଂପୃକ୍ତ ଥିବା ଘଟଣା ...ଛନ୍ତି । ଏହି ଦୁର୍ନୀତି ଜଡ଼ିତ ଘଟଣାଗୁଡ଼ିକର ବିବୃତ ...ଯାଇ ଶୃଙ୍ଖଳାଗତ ଶାସ୍ତି ବିଧାନ ନିମନ୍ତେ ...ଗୁଡ଼ିକୁ ଯଥାକ୍ରମେ ପ୍ରଶାସନିକ ବିଭାଗୀୟ ...ଡିମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲ ) ଓ ବିଭାଗୀୟ ...ପକ୍ଷମାନଙ୍କୁ ଜଣାଇ ଦିଆଯାଇଛି ।

...ଏହା ବ୍ୟତୀତ କେନ୍ଦ୍ର ଡାକ୍ତର ଜଣେ ...ଜେଟେଡ଼ ଅଫିସର ଓ ୧୮ ଜଣ ବ୍ୟକ୍ତିଙ୍କ ବିରୁଦ୍ଧରେ ୨ଟି ଅପରାଧ ମୂଳକ ମୋକଦ୍ଦମା ରୁଜୁ କରିଛନ୍ତି । ବର୍ତ୍ତମାନ ସେ ବିଷୟରେ ଅନୁସନ୍ଧାନ ଚାଲିଛି ।

**ଅଭିଯୋଗ**—ବେ-ଆଇନ ଭାବରେ ଅର୍ଥ ଦାବୀ ଓ ଗ୍ରହଣ, ଟଙ୍କା ବଦଳରେ ଜଣେ ଠିକାଦାରଙ୍କ ପ୍ରତି ଅନୁଗ୍ରହ ପ୍ରଦର୍ଶନ, ଅସାଧୁ ଉପାୟରେ ସରକାରୀ ତହବିଲ ତୋଷରଫ, ସରକାରୀ କର୍ମଚାରୀଙ୍କ ଆଚରଣ ବିଧି ଲଙ୍ଘନ, ମିଥ୍ୟା ବଦଳି, ରାସ୍ତାଖର୍ଚ୍ଚ ନେବା, ମିଥ୍ୟା ରାସ୍ତାଖର୍ଚ୍ଚା ନେବା, ବସ ଭଡ଼ା ତୋଷରଫ କରିବା ଉଦ୍ଦେଶ୍ୟରେ ଯାତ୍ରୀମାନଙ୍କୁ ବିନା ଟିକେଟରେ ବସ୍‌ରେ ନେବା ଇତ୍ୟାଦି ଅଭିଯୋଗମାନ ଅପରାଧୀମାନଙ୍କ ବିରୁଦ୍ଧରେ ଆଣତ କରାଯାଇଛି ।

**ଦଣ୍ଡବିଧାନ**—ଅବୈଧଭାବରେ ଟଙ୍କା ଓ ପାଉଣା ସଂଗ୍ରହ କରୁଥିବା ଅଭିଯୋଗରେ ଜଣେ

ଜଣେ ସବ୍-ରେଜିଷ୍ଟ୍ରାରଙ୍କୁ ଚାକିରିରୁ ଅବ୍ୟାହତି ଦେବାକୁ ଆଦେଶ ଦିଆଯାଇଛି ଓ ଜଣେ କିରାଣୀଙ୍କୁ ସରକାରୀ ଚାକିରିରୁ ଅନ୍ତର କରାଯାଇଛି ।

ଡାକ ବିଭାଗର ଦୁଇଜଣ କର୍ମଚାରୀଙ୍କ ନିକଟରୁ ଟ ୩୨୮-୨୫ ପଇସା ନେଇ ସେମାନଙ୍କୁ ମିଥ୍ୟା ବ୍ୟବସ୍ଥାପତ୍ର ( ପ୍ରେସ୍କ୍ରିପ୍‌ସନ୍ ) ଓ ଅତ୍ୟାବଶ୍ୟକ ସାର୍ଟିଫିକେଟ ( ଏସେନ୍‌ସିଆଲିଟି ସାର୍ଟିଫିକେଟ୍ ) ଦେଇଥିବା ଅଭିଯୋଗରେ କଟକ ପୋଲିସ ହାସ୍‌ପାତାଳର ଜଣେ ଚିକିତ୍ସକଙ୍କୁ ଚାକିରିରୁ ଅବସର ଗ୍ରହଣ କରିବାକୁ ବାଧ୍ୟ କରାଯାଇଛି ।

ଆବଶ୍ୟକୀୟ ଫର୍ମରେ ରସିଦ ନ ଦେଇ ସରକାରୀ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ଜଣେ ବ୍ଲକ ଉନ୍ନୟନ ଅଫିସର, (ଖ) ଜଣେ ହେଡ୍ କିରାଣି, ଓ (ଗ) ଜଣେ ଇଞ୍ଜିନିୟରିଂ ଓଭରସିଅରଙ୍କ ବିରୁଦ୍ଧରେ ଆଣିତ ହୋଇଥିବ । ବ୍ଲକ ଉନ୍ନୟନ ଅଫିସରଙ୍କୁ ବାଧ୍ୟତାମୂଳକଭାବେ କାର୍ଯ୍ୟରୁ ଅବ୍ୟାହତି ଦିଆଯାଇଛି ଓ ସରକାରୀ ଅର୍ଥର କ୍ଷତି ପୂରଣ ବାବଦକୁ ତାଙ୍କଠାରୁ ଟ ୨,୪୩୭-୩୩ ପଇସା ଆଦାୟ କରାଯିବା ପାଇଁ ଆଦେଶ ଦିଆଯାଇଛି । ଅନ୍ୟ ଅଫିସର ଦୁଇଜଣଙ୍କୁ ଖଲାସ କରି ଦିଆଯାଇଛି ।

ଅନ୍ୟାୟ ଭାବେ ଅର୍ଥ ସଂଗ୍ରହ କରୁଥିବା ଅଭିଯୋଗରେ ଜଣେ ନାଏବ ତହସିଲଦାର ଓ ଜଣେ ଟ୍ରେନ୍ୟାନ୍‌କୁ ସରକାରୀ ଚାକିରିରୁ ଅନ୍ତର କରାଯାଇଛି ।

ନିଜ ନିକଟରେ ଥିବା ଜିନିଷପତ୍ର ଅବୈଧଭାବରେ ସ୍ଥାନାନ୍ତରିତ କରି ଆତ୍ମସାତ୍ କରିବା ଅଭିଯୋଗରେ ଇମ୍‌ରଜେନ୍‌ସି ଗର୍ଲ୍ସ ମେଡ଼ିକାଲ ଷ୍ଟୋରର ଜଣେ ଫାର୍ମାସିଷ୍ଟଙ୍କ କାର୍ଯ୍ୟର ନିନ୍ଦା କରାଯାଇ ତାଙ୍କର ବାର୍ଷିକ ବର୍ଦ୍ଧିତ ବେତନ ଏକ ବର୍ଷପାଇଁ ବନ୍ଦ ରଖାଯାଇଛି ।

ବିନା ଟିକେଟରେ ଯାତ୍ରୀ ନେଉଥିବା ଅଭିଯୋଗରେ ରାଜ୍ୟ ପରିବହନ ବିଭାଗର ଜଣେ କଣ୍ଡାକ୍ଟରଙ୍କୁ ଅସ୍ଥାୟୀଭାବରେ କାର୍ଯ୍ୟରୁ ଅନ୍ତ[illegible] (ସସ୍‌ପେଣ୍ଡେଡ) ଥିଲେ ଓ ତାଙ୍କର ଦରମା ସ[illegible] ସ୍ତରକୁ ହ୍ରାସ କରାଯାଇ ଥିଲା ଏବଂ ଅସ୍ଥାୟୀଭାବ[illegible] କାର୍ଯ୍ୟରୁ ଅନ୍ତର ହୋଇଥିବା ସମୟ ମଧ୍ୟ ଦଣ୍ଡ[illegible] ପରିଗଣିତ ହୋଇଥିଲା ।

ଯାତ୍ରୀମାନଙ୍କୁ ଟିକେଟ ଦେଇ ନ [illegible] ଅଭିଯୋଗରେ ରାଜ୍ୟ ପରିବହନ ବିଭାଗର [illegible] କଣ୍ଡାକ୍ଟର ଦଣ୍ଡ ପାଇଛନ୍ତି । ଅସ୍ଥାୟୀଭାବରେ କା[illegible] ଅନ୍ତର ହୋଇଥିବା ସମୟତକ ତାଙ୍କୁ ଦଣ୍ଡ ଦିଆଯା[illegible] ବୋଲି ବିବେଚିତ ହୋଇଛି, ବାର୍ଷିକ ବର୍ଦ୍ଧି[illegible] ବେତନ ବନ୍ଦ ରଖାଯାଇଛି ଯାହାକି ତାଙ୍କର ଭବିଷ୍[illegible] ବର୍ଦ୍ଧିତ ଦରମା ଉପରେ ଆଞ୍ଚ ଆଣିବ, ତା[illegible] ଏତାଦୃଶ୍ୟ କାର୍ଯ୍ୟର ତୀବ୍ର ନିନ୍ଦା କରାଯିବା [illegible] ସଙ୍ଗେ ତାଙ୍କୁ ତାଙ୍କ ଚାକିରିରୁ ବଦଳି କରାଯାଇଛି ।

ଅବୈଧଭାବରେ ଅର୍ଥ ସଂଗ୍ରହ କରୁଥିବା ଅ[illegible] ଯୋଗରେ କଟକ ଜିଲ୍ଲାର ଦୁଇଜଣ ଅମି[illegible] ସବୁଦିନ ପାଇଁ ସରକାରୀ ଚାକିରିରୁ ଅ[illegible] କରାଯାଇଛି ।

ସରେର ଟ୍ରକରେ ଭ୍ରମଣ କରୁଥିବା ଅଭିଯୋ[illegible] ଜଣେ ପୋଲିସ ଇନ୍‌ସପେକ୍ଟରଙ୍କ ସର୍ଭିସ ବ[illegible] ନିନ୍ଦାସୂଚକ ଦୁଇଟି ମନ୍ତବ୍ୟ ଦିଆଯାଇଛି ।

## ଟିକସ ଫାଙ୍କି

୧୯୬୭ ଫେବୃୟାରୀ ମାସ ମଧ୍ୟରେ ଦୁର୍[illegible] ନିବାରଣ ବିଭାଗ ଦ୍ୱାରା ୬୩ଟି ଟିକସ ଫାଙ୍କି ଘ[illegible] ଧରା ପଡ଼ିଛି ଓ ତତ୍‌ସହିତ ବ୍ୟବସାୟୀମାନଙ୍କ ଉ[illegible] ସର୍ବମୋଟ ଟ ୧,୦୪,୬୧୮-୦୩ ପଇସା [illegible] କରାଯାଇଛି ।

ଏହି ମଧ୍ୟରେ ମାସ ମୋଟର ୮ଟି ମୋ[illegible] ବେଇକଲ୍ ଟିକସ ଫାଙ୍କି ଓ ମୋଟର ସ୍ପିରିଟ୍ [illegible] ବାବଦରେ ୪ଟି ଟିକସ ଫାଙ୍କି ଘଟଣା [illegible] ଧରାପଡ଼ିଛି ।

# ବିପ୍ଳବ ମିଳନ



ଏପ୍ରିଲ୍ ୧୨ ତାରିଖଠାରୁ ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ପ୍ରଜାତନ୍ତ୍ର ପ୍ରଚାର ସମିତିର ବାର୍ଷିକ ଉତ୍ସବ 'ବିପ୍ଳବ ମିଳନ' କଟକଠାରେ ଅନୁଷ୍ଠିତ ହୋଇଥିଲା ।

ଚିତ୍ର—ଏପ୍ରିଲ୍ ୧୪ ତାରିଖ ଦିନ ମୁଖ୍ୟ ଅତିଥିଭାବରେ ପୁନା ବିଶ୍ୱବିଦ୍ୟାଳୟର ପ୍ରସିଦ୍ଧ ପ୍ରଫେସର ଶ୍ରୀ ରାମଚନ୍ଦ୍ର ନାରାୟଣ ଦାଣ୍ଡେକର ଉପସ୍ଥିତ ଜନତାଙ୍କୁ ଅଭିଭାଷଣ ଦେଇଥିଲେ ।



ଏପ୍ରିଲ ୧୯ ତାରିଖ ଦିନ ଉପମୁଖ୍ୟମନ୍ତ୍ରୀ ଶ୍ରୀ ପବିତ୍ର ମୋହନ ପ୍ରଧାନ ଭୁବନେଶ୍ୱର ସ୍ଥିତ ସଚିବାଳୟ ସମ୍ମିଳନୀ ଗୃହଠାରେ ଓଡ଼ିଶା ପ୍ରାଇମେରୀ ଏଡୁକେସନ ବୋର୍ଡର ଦଶମ ଅଧିବେଶନରେ ଅଭିଭାଷଣ ଦେଇଥିଲେ ।

PRINTED AT THE ORISSA GOVERNMENT PRESS, MADHUPATNA, CUTTACK-3

Vol. XXIII, No. 10 UTKAL PRASANGA Regd
Licence No. C. R. N. I. 5—Licensed to post without prepayment

## ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ଖାଦ୍ୟମନ୍ତ୍ରୀ ସମ୍ମିଳନୀ




ଏପ୍ରିଲ ୮ ତାରିଖ ନୂଆଦିଲ୍ଲୀଠାରେ ବିଜ୍ଞାନ ଭବନରେ ସର୍ବଭାରତୀୟ ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ଖାଦ୍ୟମନ୍ତ୍ରୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ...ଷ—ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ (ଡାହାଣ ପାଖରୁ ତୃତୀୟ) ଭାଷଣ ଦେଉଛନ୍ତି । ତାଙ୍କ ବାମ ଭାଗରେ କୃଷି ଓ ଖାଦ୍ୟମନ୍ତ୍ରୀ ଶ୍ରୀ ଜଗଜୀବନ ରାମ, ...ଜନା, ପେଟ୍ରୋଲିୟମ୍ ଏବଂ ରାସାୟନିକ ବ୍ୟାପାର ମନ୍ତ୍ରୀ ଶ୍ରୀ ଅଶୋକ ମେହେଟ୍ଟା ବସିଛନ୍ତି । ବାମ ଭାଗରେ (ବାମରୁ ଡାହାଣକୁ) ମହୀଶୂର ଖାଦ୍ୟମନ୍ତ୍ରୀ; ...ର ମୁଖ୍ୟମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହ ଦେଓ; ଓଡ଼ିଶାର ଖାଦ୍ୟମନ୍ତ୍ରୀ, ପଞ୍ଜାବର ଖାଦ୍ୟମନ୍ତ୍ରୀ; ଏବଂ ପଞ୍ଜାବର ପ୍ରଧାନମନ୍ତ୍ରୀ ଶ୍ରୀ ଗୁରୁନାମ ସିଂ ବସିଛନ୍ତି ।